୬

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୩୪୯ ● ୧୭ ଜାନୁଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-349 ● 17th January 2025, Friday ● Bhubaneswar

Licensed to post without pre-payment of postage No- BN-60/25-27



ଗମ୍ଭୀରଙ୍କ ସହ ଭାରତର ବ୍ୟାଟିଂ କୋଚ୍ ହେବାକୁ ଚାହୁଁଛନ୍ତି କେଭିନ ପିଟରସେନ





DADLS-88







ଦକ୍ଷତା ଓ ଶିଳ୍ପର ତ୍ୱରିତ ବିକାଶ ପାଇଁ

ଓଡ଼ିଶାରେ ନୂଆ ଅଧ୍ୟାୟର ଶୁଭାରମ୍ଭ

ମହାମହିମ ରାଷ୍ଟ୍ରପତି, ସିଙ୍ଗାପୁର ଜନରାଜ୍ୟ

ଶ୍ରୀ ଥର୍ମନ୍ ଶନ୍ମୁଗରନ୍‌ମ୍‌ଙ୍କୁ

ଓଡ଼ିଶା ବାସୀଙ୍କ

ଭବ୍ୟ ସ୍ୱାଗତ

ବିକଶିତ ଭାରତ@2047 ପାଇଁ ସମୃଦ୍ଧ ଓଡ଼ିଶା@2036 ଲକ୍ଷ୍ୟରେ

ଏକାଧିକ ମହତ୍ତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର

**ଭବିଷ୍ୟତ ପାଇଁ ଦକ୍ଷତା ବିକାଶ : ଓଡ଼ିଶାରେ ଏହି କ୍ଷେତ୍ରର ବ୍ୟାପକତା**

ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ସେମିକଣ୍ଡକ୍ଟର କ୍ଷେତ୍ରରେ ଦକ୍ଷତା ବିକାଶ**

ଦକ୍ଷତା ବିକାଶ ଓ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଏବଂ ଆଇଟିଇ ଏଜୁକେଶନ ସର୍ଭିସେସ୍, ସିଙ୍ଗାପୁର

**ଅକ୍ଷୟ ଶକ୍ତି ଜ୍ଞାନ କୌଶଳ ସମ୍ପର୍କରେ ଗବେଷଣା**

ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଆଇଆଇଟି ଭୁବନେଶ୍ୱର ଏବଂ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭରସିଟି, ସିଙ୍ଗାପୁର

**ଗ୍ରୀନ ହାଇଡ୍ରୋଜେନ୍ କରିଡର୍**

ଇପିକଲ ଏବଂ ସେମ୍ବକର୍ପ , ସିଙ୍ଗାପୁର

**ଇଣ୍ଡଷ୍ଟ୍ରିଆଲ୍ ପାର୍କ୍**

(ଇଡକୋ ଏବଂ ସେମ୍ବକର୍ପ, ସିଙ୍ଗାପୁର )

**ପେଟ୍ରୋଲିୟମ୍ , କେମିକାଲ୍ସ ଏବଂ ପେଟ୍ରୋ କେମିକାଲ୍ସ ନିବେଶ କ୍ଷେତ୍ର (ପିସିପିଆଇଆର)**

ଇଡକୋ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର

**ନୂତନ ସହରର ବିକାଶ**

ବିଡିଏ ଏବଂ ସୁରବନ ଜୁରୋଙ୍ଗ, ସିଙ୍ଗାପୁର)

**ଓଡ଼ିଶାର ଆର୍ଥିକ ପ୍ରଯୁକ୍ତିଗତ ପ୍ରବନ୍ଧନର ସୁଦୃଢ଼ୀକାରଣ**

ବୈଦ୍ୟୁତିକ ଅଣୁବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡ଼ିଶା ସରକାର ଏବଂ ଜିଏଫ୍ ଟିଏନ୍, ସିଙ୍ଗାପୁର)



ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR : 15001/13/0371/2425

୬ ଦିଲ୍ଲୀ କ୍ରିକେଟ ଟିମ୍‌ର ଅଧିନାୟକ ହେବେ ଋଷଭ ପନ୍ତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ପୃଷ୍ଠା–୩
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୪୯ ● ୧୭ ଜାନୁଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-349 ● 17th January 2025, Friday ● Bhubaneswar
Licensed to post without pre-payment of postage No- BN-60/25-27

# ୮ମ ବେତନ ଆୟୋଗ ଗଠନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୬।୧**

କେନ୍ଦ୍ର ସରକାର ସରକାରୀ କର୍ମଚାରୀଙ୍କୁ ଏକ ବଡ ଉପହାର ଦେଇଛନ୍ତି । କେନ୍ଦ୍ର କ୍ୟାବିନେଟ ଗୁରୁବାର ଅଷ୍ଟମ ବେତନ ଆୟୋଗ ଗଠନକୁ ଅନୁମୋଦନ କରିଛି । ଏହା ଫଳରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ବଢିବାର ରାସ୍ତା ପରିଷ୍କାର ହୋଇଛି ।

କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀମାନେ ଅଷ୍ଟମ ବେତନ ଆୟୋଗକୁ ଉତ୍ସୁକତାର ସହ ଅପେକ୍ଷା କରିଥିଲେ ଏବଂ ସରକାର ସେମାନଙ୍କୁ ଏହି ଉପହାର ଦେଇଛନ୍ତି । ଖୁବଶୀଘ୍ର ଏଥିପାଇଁ ଏକ କମିଟି ଗଠନ କରାଯାଇ ଅଷ୍ଟମ ବେତନ କମିଶନ ଗଠନ ପ୍ରକ୍ରିୟା ଆରମ୍ଭ ହେବ । ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଛି ।



କ୍ୟାବିନେଟ୍ ବୈଠକ ଶେଷରେ କେନ୍ଦ୍ର ଆଇଟି ଓ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଖୁବଶୀଘ୍ର ଏଥିପାଇଁ ଏକ କମିଟି ଗଠନ କରାଯାଇ ଅଷ୍ଟମ ବେତନ କମିଶନ ଗଠନ ପ୍ରକ୍ରିୟା ଆରମ୍ଭ ହେବ । ସେହିପରି ଖୁବ୍ ଶୀଘ୍ର ଅଷ୍ଟମ ବେତନ କମିଶନ ଅଧ୍ୟକ୍ଷ ଓ ୨ ଜଣ ସଭ୍ୟଙ୍କୁ ନିଯୁକ୍ତ କରାଯିବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସପ୍ତମ ବେତନ କମିଶନର କାର୍ଯ୍ୟକାଳ ଚଳିତ ବର୍ଷ ଡିସେମ୍ବର ଶେଷରେ ସଂପୂର୍ଣ୍ଣ ହେଉଥିବାରୁ ଏହା *(ପୃଷ୍ଠା ୭ରେ)*

# ରାଜ୍ୟ ସରକାରଙ୍କ ବଡ଼ ଘୋଷଣା: ପଦ୍ମ ବିଜେତାଙ୍କୁ ମିଳିବ ମାସିକ ୩୦ ହଜାର ଟଙ୍କା

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାର ଗୁରୁବାର ପଦ୍ମ ବିଜେତାଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି । ପଦ୍ମ ପୁରସ୍କାର ବିଜେତାଙ୍କୁ ରାଜ୍ୟ ସରକାର ମାସିକ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବେ । ଏନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ଚଳିତ ଜାନୁଆରୀ ମାସରୁ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନା ଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ରାଜ୍ୟର ସମସ୍ତ ପଦ୍ମ ବିଜେତାଙ୍କୁ ସମ୍ମାନ ସୂଚକ ସହାୟକ ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଗୁରୁବାର ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ସହାୟକ ରାଶି ପ୍ରଦାନ ନେଇ ବିଜ୍ଞପ୍ତି ଜାରି କରାଯାଇଛି ।



ତେବେ ରାଜ୍ୟରେ ବର୍ତ୍ତମାନ ୫୫ଜଣ ଜୀବିତ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ଅଛନ୍ତି । ସେମାନଙ୍କୁ ମାସକୁ ୩୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ସହାୟକ ରାଶି ସରକାର ପ୍ରଦାନ କରିବେ । ଏଥିପାଇଁ ବର୍ଷକୁ ରାଜକୋଷରୁ ଅତିରିକ୍ତ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

## ଓଡ଼ିଶାରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଏବେ ଏଚ୍‌ଏମ୍‌ପିଭି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି । ତେବେ ଖୋର୍ଦ୍ଧା ଜିଲ୍ଲା କାଇପଦର ଅଞ୍ଚଳରୁ ଜଣେ ରୋଗୀ ଚିହ୍ନଟ ହୋଇଥିବା ଖବର ଭାଇରାଲ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ଏବେ ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି । ଯେତିକି ନମୂନା ପରୀକ୍ଷା ପାଇଁ ଯାଇଛି, ସବୁ ନେଗେଟିଭ ଆସିଛି । ଭୟଭୀତ ହେବାର ଆବଶ୍ୟକତା ନାହିଁ । ସାଧାରଣ ଥଣ୍ଡା ଜ୍ୱର ଭଳି ଏହାର ଲକ୍ଷଣ । ତେଣୁ ଭୟ କରିବାର ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।

## ମହାକାଶରେ ନୂଆ ଇତିହାସ ରଚିଲା ଭାରତ

**ନୂଆଦିଲ୍ଲୀ, ୧୬।୧**

ମହାକାଶରେ ନୂଆ କୀର୍ତ୍ତିମାନ ରଚିଛି ଭାରତ । ଇସ୍ରୋର ସ୍ପେଡେକ୍ସ ମିଶନ ଐତିହାସିକ ଡକିଂରେ ସଫଳତା ହାସଲ କରିଛି । ପ୍ରଥମ ଥର ଲାଗି ଇସ୍ରୋ ଦୁଇଟି ଉପଗ୍ରହକୁ ପୃଥିବୀର କକ୍ଷପଥରେ ସଫଳତାର ସହ ସ୍ଥାପନ କରିଛି । ଏଥିସହ ଭାରତ ଏହି ସଫଳତା ହାସଲ କରିବାରେ ଆମେରିକା, ଋଷିଆ ଏବଂ ଚାଇନା ପରେ ଚତୁର୍ଥ ଦେଶ *(ପୃଷ୍ଠା ୭ରେ)*

## ଷ୍ଟାର୍ଟଅପ୍ ଇଣ୍ଡିଆର ପରିବର୍ତ୍ତନକାରୀ ଯୋଜନା ଅଗଣିତ ଯୁବବର୍ଗଙ୍କୁ ସଶକ୍ତ କରିଛି: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୬।୧**

ଷ୍ଟାର୍ଟଅପ୍ ଇଣ୍ଡିଆର ୯ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ସଫଳତା ଉପରେ ଆଲୋକପାତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ୯ ବର୍ଷ ମଧ୍ୟରେ ଏହି ପରିବର୍ତ୍ତନକାରୀ ଯୋଜନା ଅଗଣିତ ଯୁବବର୍ଗଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କ ଅଭିନବ ଚିନ୍ତାଧାରାକୁ ସଫଳ ଷ୍ଟାର୍ଟଅପରେ ପରିଣତ କରିଛି । ସରକାର ଷ୍ଟାର୍ଟଅପ୍ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି । ଷ୍ଟାର୍ଟଅପ୍ ଇଣ୍ଡିଆର ସଫଳତା ଦର୍ଶାଉଛି ଯେ ଆଜିର ଭାରତ ଗତିଶୀଳ, ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି 'ଷ୍ଟାର୍ଟଅପ୍ ଦୁନିଆର ପ୍ରତ୍ୟେକ ଯୁବକଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ଏବଂ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଏହି ରାସ୍ତାରେ ଯିବାକୁ ମୁଁ ଅନୁରୋଧ କରୁଛୁ । ମୁଁ ଆପଣଙ୍କୁ



ଆଶ୍ୱାସନା ଦେଉଛି ଯେ ଆପଣ ନିରାଶ ହେବେ ନାହିଁ !' ।

ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଆଜି ଆମେ ଷ୍ଟାର୍ଟଅପ୍ ଇଣ୍ଡିଆର ୯ ବର୍ଷ ପାଳନ କରୁଛୁ, ଏକ ଯୁଗାନ୍ତକାରୀ ପଦକ୍ଷେପ ଯାହାକି ଅଭିନବତା, ଉଦ୍ୟମଶୀଳତା ଏବଂ ଅଭିବୃଦ୍ଧିକୁ ପୁନଃପରିଭାଷିତ କରିଛି । ଯୁବ ସଶକ୍ତିକରଣ ପାଇଁ ଏହା ଏକ ପ୍ରଭାବଶାଳୀ ଉପାୟ ଭାବେ ଉଭା ହୋଇଥିବାରୁ ଏହି କାର୍ଯ୍ୟକ୍ରମ ମୋ ହୃଦୟର ଅତି ନିକଟତର । ବିଗତ ୯ ବର୍ଷ ମଧ୍ୟରେ, ଏହି ପରିବର୍ତ୍ତନକାରୀ ଯୋଜନା ଅଗଣିତ ଯୁବକମାନଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କ ଅଭିନବ ଚିନ୍ତାଧାରାକୁ ସଫଳ ଷ୍ଟାର୍ଟଅପ୍‌ରେ ପରିଣତ କରିଛି ।

ସରକାରଙ୍କ କଥା କହିଲେ, ଷ୍ଟାର୍ଟଅପ୍ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ଆମେ କୌଣସି ସୁଯୋଗ ହାତଛଡ଼ା ଛାଡ଼ିନାହୁଁ । ଆମର ନୀତିଗୁଡ଼ିକ ବ୍ୟବସାୟ କରିବାରେ ସହଜତା, ସମ୍ବଳର ଉନ୍ନତ ଉପଲବ୍ଧତା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କୁ ପ୍ରତ୍ୟେକ ସୁଯୋଗରେ ସମର୍ଥନ କରିବା ଉପରେ ଗୁରୁତ୍ୱାରୋପ କରିଛି । ଆମେ ସକ୍ରିୟ ଭାବରେ ଉଦ୍ଭାବନ ଏବଂ ଇନକ୍ୟୁବେସନ୍ ସେଣ୍ଟରଗୁଡ଼ିକୁ ପ୍ରୋତ୍ସାହିତ କରୁଛୁ, ଯାହାଦ୍ୱାରା ଆମର ଯୁବକମାନେ କର୍ମକ୍ଷେତ୍ରରେ ରିସ୍କ ନେବାକୁ ପଛଘୁଞ୍ଚା ଦେବେ ନାହିଁ । ମୁଁ ବ୍ୟକ୍ତିଗତ ଭାବରେ ଉଦୀୟମାନ ଷ୍ଟାର୍ଟଅପ୍ ଗୁଡ଼ିକ ସହିତ ନିୟମିତ ଭାବରେ ଆଲୋଚନା କରୁଛି ।

ଷ୍ଟାର୍ଟଅପ୍ ଇଣ୍ଡିଆର ଏହି ସଫଳତା ଦର୍ଶାଉଛି ଯେ ଆଜିର *(ପୃଷ୍ଠା ୭ରେ)*

## ମିଡ଼ିଆ ଆଗରେ କହିଲେ ହେବନି, ଲିଖିତ ଜଣାଇଲେ ସିବିଆଇ ତଦନ୍ତ ପାଇଁ ସରକାର ନିଷ୍ପତ୍ତି ନେବେ

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବାର ପ୍ରାୟ ୭ ମାସ ପରେ ନବ ଦାସ ହତ୍ୟା ମାମଲା ପୁଣି ଥରେ ରାଜ୍ୟ ରାଜନୀତିକୁ ଉଷ୍ମ କରିଛି । ନବ ଦାସଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଏବଂ ପୁଅ ବିଶାଳ ଦାସ ତାଙ୍କ ପିତାଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି ଉଠାଇବା ପରେ ଗୁରୁବାର ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି । ନବ ଦାସ ହତ୍ୟା ମାମଲାରେ ଦୀପାଳିଙ୍କ ବୟାନ ଉପରେ ଆଇନ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଖାଲି ଗଣମାଧ୍ୟମ ଆଗରେ କହିଦେଲେ ସିବିଆଇ ତଦନ୍ତ ହୋଇଯିବ ନାହିଁ । ଯଦି ପୂର୍ବ ସରକାରର ତଦନ୍ତରେ ସେମାନେ ସନ୍ତୁଷ୍ଟ ନୁହଁନ୍ତି, ଲିଖିତ ଭାବେ ଜଣାଇଲେ ସରକାର ତାହା ଉପରେ ନିଷ୍ପତ୍ତି ନେବେ । ସିବିଆଇ ତଦନ୍ତ ହେବ କି



ନାହିଁ ତାହା ମୁଖ୍ୟମନ୍ତ୍ରୀ ବିଚାର କରିବେ । କେସ ରିଓପନ କରାଯିବ କି ନାହିଁ ତାହା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ । ବିଳମ୍ବରେ ହେଲେ ବି କ୍ରାଇମବ୍ରାଞ୍ଚ ତଦନ୍ତ ନାଁରେ ପୂର୍ବ ସରକାର ଭୁଆଁ ବୁଲେଇଥିଲେ ଓ ଭୁଲ ଭୁଲେୟା ସ୍ଥିତି କରିଥିଲେ ବୋଲି ଦୀପାଳି ଉପଲବ୍ଧି କରିଛନ୍ତି । ଆମେ ମଧ୍ୟ ପ୍ରଶ୍ନ ଉଠାଇଥିଲୁ । ଯିଏ ଗୁଳି କଲା ଧରାପଡ଼ିଲା, କିନ୍ତୁ କାହିଁକି ମାରିଲା ପଚାରିଲେ ପୂର୍ବ ସରକାରଙ୍କ ପାଖରେ ଉତ୍ତର ନଥିଲା । କ୍ରାଇମବ୍ରାଞ୍ଚ ତଥ୍ୟ ବାଟକୁ ବୁଲେଇ ବୁଲେଇ ନେଉଛି । ସତ୍ୟ ବାହାରିବ ନାହିଁ ସେହିକଥା ଏବେ ହେଲା ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି ।

ଆଇନମନ୍ତ୍ରୀଙ୍କ ଏହି ବୟାନ ହିଁ କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା ନଥିବାକୁ ଇଙ୍ଗିତ କରୁଛି । ଆଉ ସିବିଆଇକୁ ହସ୍ତାନ୍ତର ଓ କେସ ରିଓପନ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେବେ କହି ପରୋକ୍ଷରେ ନିଜ ସରକାରର ମୁଖିଆଙ୍କ ଆଡକୁ ବଲ ଫିଙ୍ଗିଛନ୍ତି । ସେହିପରି ଗୁରୁବାର ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଚିରାଚରିତ ଢଙ୍ଗରେ ନବ ଦାସ ହତ୍ୟା ପଛରେ ଜଣେ ଆଇଏଏସ ଓ ଜଣେ ଆଇପିଏସଙ୍କ ଅଫିସରଙ୍କ ସମେତ ୨ ଜଣ ରାଜନେତାଙ୍କ ହାତ ଥିବା ଅଭିଯୋଗ କରିଛନ୍ତି । ଶ୍ରୀ ମିଶ୍ର ବିଧାନସଭାରେ ଏହି ଷଡଯନ୍ତ୍ରକାରୀଙ୍କ ନାଁ ମଧ୍ୟ ଉଲ୍ଲେଖ କରିସାରିଛନ୍ତି । ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ମଧ୍ୟ ସେ କ୍ରମାଗତ ଦାବି କରି ଆସୁଛନ୍ତି । ସିବିଆଇ ତଦନ୍ତ ଦାବିକୁ ସେ ସମର୍ଥନ କରି ଆବଶ୍ୟକ ପଡ଼ିଲେ ନବ ଦାସଙ୍କ ପରିବାରକୁ ସହଯୋଗ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି । *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଅଙ୍ଗନୱାଡି କର୍ମଚାରୀଙ୍କ ଦରମା ବୃଦ୍ଧି କରାଯିବ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର କହିଛନ୍ତି ଯେ, ପ୍ରସ୍ତାବ ଅନୁଯାୟୀ ଅଙ୍ଗନୱାଡି କର୍ମଚାରୀଙ୍କ ଦରମା ବୃଦ୍ଧି ଉପରେ ଓଡ଼ିଶା ସରକାର ବିଚାର କରୁଛନ୍ତି ।

କେନ୍ଦ୍ରୀୟ ଅନୁମୋଦନ ଲୋଡିଥିବା ଏହି ପ୍ରସ୍ତାବ ଉଦୟପୁରରେ ଏକ ବିଧାନସଭା କର୍ମଶାଳାରେ ଉଠାଯାଇଥିଲା । ବେତନ ବୃଦ୍ଧି ଦ୍ୱାରା ରାଜ୍ୟର ୭୪,୦୦୦ କେନ୍ଦ୍ରର ପ୍ରାୟ ୧.୪ ଲକ୍ଷ ଅଙ୍ଗନୱାଡି କର୍ମଚାରୀ ଉପକୃତ ହେବେ ।



ଏଥିସହ କର୍ମଜୀବୀ ମହିଳାମାନଙ୍କ ପାଇଁ ହଷ୍ଟେଲ ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ଜାନୁଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନ ଗସ୍ତରେ *(ପୃଷ୍ଠା ୭ରେ)*

## ଛତିଶଗଡ଼: ପୁଲିସ ଗୁଳିରେ ୧୨ ମାଓବାଦୀ ମୃତ

**ସୁକୁମା, ୧୬।୧**

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗୁରୁବାର ସୁରକ୍ଷାବାହିନୀ ସହ ଏନକାଉଣ୍ଟରରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି । ଏବେ ବି ଏନକାଉଣ୍ଟର ଜାରି ରହିଥିବା ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ ଦକ୍ଷିଣ ବିଜାପୁର ଜଙ୍ଗଲରେ ସକାଳ ପ୍ରାୟ ୯ଟାରେ ଏହି ଏନକାଉଣ୍ଟର ହୋଇଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ଲଗାତାର ଗୁଳିଚାଳନା ଜାରି ରହିଥିଲା । ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ଉଭୟ ପକ୍ଷରୁ ଗୁଳିବିନିମୟ ଜାରି ରହିଛି । ଏହି ଅପରେସନରେ ଏକ ହଜାର ଯବାନ ସାମିଲ



ହୋଇଛନ୍ତି । ଯବାନମାନେ ୫୦ରୁ ୭୦ ଜଣ ନକ୍ସଲଙ୍କୁ ଘେରି ରହିଥିବା ସୂଚନା ମିଳିଛି । ଆଇଜି ପି ସୁନ୍ଦରରାଜ ନିଜେ ତଦାରଖ କରୁଛନ୍ତି । ପୁଲିସ ଅଧିକାରୀ କହିଛନ୍ତି ଯେ ସକାଳ ୯ଟାରୁ ଏନକାଉଣ୍ଟର ଆରମ୍ଭ ହୋଇଥିଲା । ଏନକାଉଣ୍ଟରକୁ *(ପୃଷ୍ଠା ୭ରେ)*

## ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ଆକ୍ରମଣ

**ମୁମ୍ବାଇ, ୧୬।୧**

ବୁଧବାର ବିଳମ୍ବିତ ରାତିରେ ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ଏହି ଆକ୍ରମଣ କିଏ ଆଉ କାହିଁକି କରିଛି ଚର୍ଚ୍ଚା ମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କ ଫଟୋ ସାମ୍ନାକୁ ଆସିଛି ।

ଗୁରୁବାର ମୁମ୍ବାଇ ପୋଲିସ କହିଛି ଯେ ଅଭିନେତାଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତି ଚୋରି କରିବା ଉଦ୍ଦେଶ୍ୟରେ ଅଗ୍ନି ନିର୍ଗମନ ସିଡ଼ି ଦେଇ ଘରେ ପ୍ରବେଶ କରିଥିଲେ ଏବଂ ଅନେକ ସମୟ ସେଠାରେ ରହିଥିଲେ । ସୈଫ ତାଙ୍କ ପରିବାର ସହିତ ରହୁଥିବା ୧୨ ନମ୍ବର ମହଲାର ସେହି କୋଠାର ସିସିଟିଭି ଫୁଟେଜରେ ସନ୍ଦିଗ୍ଧ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଅଷ୍ଟମ ବେତନ କମିଟି ହେବ
ଶୁଣି କର୍ମଚାରୀ ଖୁସି
ଲାଗୁହେଇ ଗଲେ ବଢିବ କେତେ
ଏବେଠାରୁ କଷାକଷି
ଗିଳିଯିବେ ଗୋଟା ଖାସି
ଅପେକ୍ଷା କର ବର୍ଷ କେଇଟାରେ
ଥିବ ପଇସାରେ ବସି ।

## ମହାକୁମ୍ଭ-୨୦୨୫ : ବିଶ୍ୱର ସବୁଠାରୁ ବଡ଼ ଆୟୋଜନ



**ପ୍ରୟାଗରାଜ, ୧୬।୧**

ମହାକୁମ୍ଭ ୨୦୨୫ ପୃଥିବୀର ସବୁଠାରୁ ବଡ଼ ଧାର୍ମିକ ଆୟୋଜନ ଭାବେ ପରିଗଣିତ ହୋଇଛି । ଗୁରୁବାର ମହାକୁମ୍ଭର ତୃତୀୟ ଦିବସରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପ୍ରବଳ ଥଣ୍ଡାକୁ ଖାତିର ନକରି ପବିତ୍ର ସ୍ନାନ କରିଛନ୍ତି । ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ୪୫ ଦିନିଆ ମହାକୁମ୍ଭର ପ୍ରଥମ ଦୁଇ ଦିନରେ ୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ ଏବଂ ଏହି ଧାରା ଜାରି ରହିଛି । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ମଧ୍ୟ ପୂରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ଭାରତର ପାରମ୍ପରିକ କାରିଗରୀ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବା ପାଇଁ ସମର୍ପିତ । ସାତଟି ଭିନ୍ନ ଭିନ୍ନ ସାଂସ୍କୃତିକ ପ୍ରାଙ୍ଗଣରେ ୧୫ ହଜାରରୁ ଅଧିକ କଳାକାର ଚମତ୍କାର ପ୍ରଦର୍ଶନ କରିଛନ୍ତି ।

ମହାକୁମ୍ଭ ସଂସ୍କୃତି, ବିଶ୍ୱାସ ଓ ଏକତାର ମହାସଂଗମ ପାଲଟିଛି ବୋଲି ଆଦି ସଦଗୁରୁ ଜାଗି ବାସୁଦେବ କହିଛନ୍ତି । ସେ କହିଛନ୍ତି, ଜଣେ ଭାରତୀୟ ଭାବେ ମହାକୁମ୍ଭକୁ କେମିତି କେହି ଏଡ଼ାଇ ପାରିବେ ? ଏହା ପୃଥିବୀର ସବୁଠାରୁ ବଡ଼ ଘଟଣା । ଏହା ହେଉଛି ଏକମାତ୍ର ସ୍ଥାନ, ଏକମାତ୍ର ସଭ୍ୟତା, ଯେଉଁଠାରେ ଅସଂଖ୍ୟ ମନୁଷ୍ୟ ମୁକ୍ତି ପାଇଁ ଆକାଂକ୍ଷା କରନ୍ତି ଏବଂ ଏହା ସମଗ୍ର ବିଶ୍ୱ ପାଇଁ ପ୍ରେରଣାର ସ୍ରୋତ ପାଲଟିଛି । ପରମାର୍ଥ *(ପୃଷ୍ଠା ୭ରେ)*

## ଖସିଲା ପାରଦ ବଢ଼ିଲା ଶୀତ ଘୁ.ଉଦୟଗିରିରେ ତୁଷାରପାତ

**ଘୁ.ଉଦୟଗିରି, ୧୬।୧**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ଶୀତ ଋତୁରେ ଘୁ.ଉଦୟଗିରିରେ ପ୍ରଥମ ତୁଷାରପାତ ଗୁରୁବାର ଭୋରରୁ ଦେଖିବାକୁ ମିଳିଛି । ଘୁ.ଉଦୟଗିରିର ଆଭ୍ୟନ୍ତରୀଣ ଗାଁ ମାନଙ୍କରେ ଏଭଳି ସ୍ଥିତି ନଜରକୁ ଆସିଛି । ପାରଦ ଲଗାତାର ଖସିବାରେ ଲାଗିଛି ।

ଗୁରୁବାର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ସହରରେ ରେକର୍ଡ କରାଯାଇଥିବା ବେଳେ ଆଭ୍ୟନ୍ତରୀଣ ଗାଁ ମାନଙ୍କରେ ଏହା ୭ଡିଗ୍ରୀରୁ ତଳକୁ ଖସିଛି । ପ୍ରବଳ ଥଣ୍ଡାରେ ସାରା ଅଞ୍ଚଳ କମ୍ପୁଛି । ହାଡ଼ଭଙ୍ଗା ଶୀତ ସାଙ୍ଗକୁ



ହାତ ଗୋଡ଼ କାଲୁଆ ମାରିଦେଉଛି । ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଲଗେଇ ଲୋକେ ବସୁଥିବା ଦେଖିବାକୁ ମିଳୁଛି ।

ସହରରେ ପ୍ରବଳ ଥଣ୍ଡା ପଡିବା ଦେଖି ଏନଏସି ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ରାତ୍ରିକାଳୀନ ଆଶ୍ରୟ ସ୍ଥଳ କରାଯାଇଛି । *(ପୃଷ୍ଠା ୭ରେ)*

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗ୍ରାମାଞ୍ଚଳରେ କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'

**ସତ୍ୟ ପାଶେ ଶାନ୍ତି ଦେଲ**
**ଦୟା ପାଶେ କ୍ଷମା ଦେଲ**
**ନାମ ଥୋଇ ଅନାମକୁ**
**ଗୁପତ କରିଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କୁହାର କୁହ (୫)**
**ସବୁ ଦେଇ ଶୂନ୍ୟ କଲ**
**ଶୂନ୍ୟ ବ୍ରହ୍ମ ବୋଲାଇଲ**
**ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ**
**ଅଭିକି ନ ଦେଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୮)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଅସୀମ ଚିତ୍କାର କରି କରି କଳାପାହାଡ଼ କହୁଥିଲା ଯେ ତା'ର ଦେହର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଗୁଡ଼ାକ ସବୁ ଫାଟି ଗଲାପରି ଲାଗୁଛି। ନିଆଁରେ ତା'ର ମୁଣ୍ଡଟା ଜଳି ଗଲା ଭଳି ଲାଗୁଛି। ଆଉ ଗୋଟିଏ ମୁହୂର୍ତ୍ତବି ସେଠାରେ ରହିବାକୁ ଇଛା କଲା ନାହିଁ। ହିମାଳୟ ଭଳି କଠିନ ହୃଦୟଟା ଫାଟି ଯାଉଛି। ଆଉ ସେ ରହି ପାରିବନି। ମୁସଲମାନ୍ ଲସ୍କରମାନେ କଳାପାହାଡ଼ର ଲହୁଲୁହଭରା ଚିତ୍କାରକୁ ଶୁଣି ଆଶ୍ଚର୍ଯ୍ୟ ହୋଇଯାଉଥାନ୍ତି। ସମସ୍ତଙ୍କ ଆଖିରେ ଲୁହ ଆସିଗଲାଣି। ସେହି ସମୟରେ ଜଣେ ମୁସଲମାନ ଧର୍ମପରାୟଣ ବ୍ୟକ୍ତି (କାଜି) କଳାପାହାଡ଼ର ଏହି ଭୟାନକ ବିକଳତାକୁ ଦେଖି କହିଲା "ହେ କଳା ପାହାଡ଼ ! ତମାମ ହିନ୍ଦୁମାନଙ୍କର ଇଷ୍ଟ ଦେବତା ବୋଲି ଯାହାକୁ ଶହ ଶହ ବର୍ଷ ଧରି ସେମାନେ ମାନି ଆସୁଛନ୍ତି ଓ ଯାହାଙ୍କର କୋଳରେ ଆଶ୍ରୟ ନେଇ ସେମାନେ ଜୀବନ ଧାରଣ କରି ଆସୁଛନ୍ତି ସେହି ଠାକୁରଙ୍କୁ ଯେତେବେଳେ ଅଗ୍ନିରେ ନିକ୍ଷେପ କରିଦେଲ, ସେତେବେଳେ ତୁମର ଅବସ୍ଥା ଧ୍ୱଂସ ପାଇଯିବା କଥା କିନ୍ତୁ ତୁମର ଏପରି ଦୁର୍ଭାଗ୍ୟ ଯେ ଅର୍ଦ୍ଧମୃତ ଭଳି ହୃଦୟ ବିଦାରକ ଯନ୍ତ୍ରଣାରେ ଚିତ୍କାର କରି ଚାଲିଛ। କାରଣ ତୁମେ ଯେଉଁ ଅନ୍ୟାୟ, ଅଧର୍ମ କଲ ତାହାର ପରିଣାମ ଭବିଷ୍ୟତ ଏପରି ରୂପ ଧାରଣକରି ଆସିବ ତୁମ ନିକଟକୁ, ଯେତେବେଳେ ତୁମେ ମୃତ୍ୟୁ ଚାହୁଁଥିବ କିନ୍ତୁ ତୁମର ମୃତ୍ୟୁ ହୋଇ ପାରୁନଥିବ। ଏଣିକି ଖାଲି ତୁମର ଜୀବନ ବ୍ୟାପି ଯନ୍ତ୍ରଣା ହିଁ ଭୋଗ କରିବାକୁ ପ୍ରସ୍ତୁତ ରୁହ କଳାପାହାଡ"। ଏହି ବକ୍ତବ୍ୟର ସଂକ୍ଷିପ୍ତ ସୂଚନା ମାଦଳା ପାଞ୍ଜିରେ ବର୍ଣ୍ଣିତ ହୋଇଛି ସଂକ୍ଷିପ୍ତ ଭାବରେ "....ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା, କାଜି କହିଲା, ଓଡ଼ିଶାର ଦେବତା ଜଳାଇ ଦେଲୁ, ତେଣୁ କରି ତୋହର ଦେହ ଫାଟିଗଲା। ଏହାଶୁଣି ତା'ର ପୁଅ ପରମେଶ୍ୱରଙ୍କୁ ଗଙ୍ଗାରେ ମେଲି ଦେଲା।" (ମାଦଳା ପାଞ୍ଜି) କଳାପାହାଡର ଛାତିଧରା କରୁଣ ଚିତ୍କାର। କାଜି କଳା ପାହାଡକୁ ନୈତିକ ବାଣୀ ଶୁଣାଇବା। ସୈନ୍ୟ ମାନଙ୍କ ଭିତରେ ଗୋଟାଏ ଲୋମଟାଙ୍କୁରା ବାତାବରଣକୁ ବିଶର ମହାନ୍ତି ନିର୍ଜନ ଅରଣ୍ୟ ମଧ୍ୟରେ ରହି ଲକ୍ଷ୍ୟ କରୁଥିଲେ। ପିନ୍ଧିଛନ୍ତି ଆଣ୍ଠୁ ଲୁଚୁନଥିବା ଗୋଟାଏ ହଳଦିବର୍ଣ୍ଣର ଅଣ ଓସାରିଆ ମୋଟା ଲୁଗା, ମୁଣ୍ଡରେ ବାନ୍ଧି ଦେଇଛନ୍ତି ଗୋଟାଏ ବଡ ନାଳି ଗାମୁଛା, ବାମ କାନ୍ଧରେ ଝୁଲାଇ ଦେଇଛନ୍ତି ଗୋଟାଏ ମୃଦଙ୍ଗ, ଡାହାଣ କାନ୍ଧରେ ଝୁଲାଇ ଦେଇଛନ୍ତି ଗୋଟାଏ ନାଳି କୋଥଳି, ସେଥିରେ ରହିଛି ହରିଡା, ବାହାଡା, ଅଁଳା। ବହୁତ ଚେର ମୂଳି। ଅରଣ୍ୟ ମଧ୍ୟରେ ଗୋପନରେ ରହି ଶୁଖିଲା ଡାଳ ପତ୍ର ଉପରେ ବସି ଆର୍ତ୍ତ କଣ୍ଠରେ ପ୍ରାର୍ଥନା କରୁଛି ସେହି ଜଗନ୍ନାଥଙ୍କୁ। ଯାହାଙ୍କୁ କଳାପାହାଡ ଅଗ୍ନିରେ ଫିଙ୍ଗି ଦେଉଛି। ବିଭତ୍ସ ଦୃଶ୍ୟରେ ବିଶର ମହାନ୍ତିର ଛାତି ଧରି ଉଠୁଛି, ଆଖିରୁ ବହିଯାଉଛି ତତଲା ଲୁହ। ଆପଣା ଛାଏଁ ହାତ ଯୋଡି ହୋଇ ଯାଉଛି ପରମପୁରୁଷ ମହାବାହୁଙ୍କ ଉଦ୍ଦେଶ୍ୟରେ ହୃଦୟରୁ ବାହାରୁଛି "ସୋଽହୋଂ ବିଶ୍ୱସୃଜଂ ବିଶ୍ୱମ ବିଶ୍ୱଂ ବିଶ୍ୱ ଦେବସମ, ବିଶ୍ୱତ୍ମାନମଜଂ ବ୍ରହ୍ମ ପ୍ରତୀତେଽସ୍ମି ପରଂ ପଦମ୍" (ଶ୍ରୀମଦ୍ ଭାଗବତ) ଯେଉଁ ଭଗବାନ ଏହି ବିଶ୍ୱଠାରୁ ଭିନ୍ନ ହେଲେ ମଧ୍ୟ ବିଶ୍ୱକୁ ରଚନା କରିଛନ୍ତି, ନିଜେ ବିଶ୍ୱ ରୂପରେ ପ୍ରକଟ ହୋଇଛନ୍ତି ଏବଂ ବିଶ୍ୱର ଆତ୍ମାରୂପେ ପ୍ରକଟ ହୋଇଛନ୍ତି। ଏହି ବିଶ୍ୱ ଯାହାଙ୍କର କ୍ରୀଡାର ଉପକରଣ ମୁଁ ସେହି ଅଜନ୍ମା ପରମାଶ୍ରୟ ଭଗବାନଙ୍କୁ ପ୍ରଣାମ କରୁଛି।"

ଏହିଠାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମନରେ ଉଠି ଆସିଲାଣି ତାହା ହେଲା ଯେଉଁ ସମୟରେ ବିଶର ମହାନ୍ତି କଳାପାହାଡ ପଛରେ ଓଡ଼ିଆ ଜାତିର ଇଷ୍ଟଦେବତା ଜଗନ୍ନାଥଙ୍କୁ ଉଦ୍ଧାର କରିବା ପାଇଁ ପାଗଳ ଭଳି ଧାଉଁଥିଲା ସେ ସମୟରେ ତ କଳିଙ୍ଗରେ ହଜାର ହଜାର ଭକ୍ତ ଜଗନ୍ନାଥଙ୍କର ଉପାସକ ଥିଲେ। କିନ୍ତୁ କେବଳ କାହିଁକି ଏକମାତ୍ର ବିଶର ମହାନ୍ତି ନାମକ ଜଣେ ନିସଙ୍ଗ ମଢିଆ ଆଉ ମଳି ମୁଣ୍ଡିଆ ମଣିଷ ପରି ଦେଖାଯାଉଥିବା ଲୋକଟି ନିଜର ଜୀବନକୁ ବିପନ୍ନ କରି ଏ ଜାତିର ଆତ୍ମାକୁ ବଞ୍ଚାଇବା ପାଇଁ ବ୍ୟଗ୍ର ହୋଇପଡିଲା ? ଏତେ ସାମନ୍ତ ରାଜାମାନେ ତ ଥିଲେ, ସେଥିରୁ ହୁଏତ କେହି ଜଣେ ହେଲେ ଅନ୍ତତଃ ବଂଶର ମହାନ୍ତିଙ୍କୁ ସାହାଯ୍ୟ କରିବା ପାଇଁ ଯାଇ ପାରିଥାନ୍ତେ, କିନ୍ତୁ ନଗଲେ କାହିଁକି ? ହଁ, ଆଉ ଗୋଟିଏ କଥା ବି ହୋଇ ପାରିଥାନ୍ତା ଯେ କିଛି ସାମନ୍ତ ରାଜାମାନେ ଯାଇଛନ୍ତି, କିନ୍ତୁ କୃତକାର୍ଯ୍ୟ ହୋଇନପାରିବାରୁ ବିଫଳ ମନରୋଥ ନେଇ କଳିଂଗ ଫେରି ଆସିଛନ୍ତି, ଅନ୍ତତଃ ଏତିକି ତ ଐତିହାସିକ ମାନେ ଇତିହାସରେ ଉଲ୍ଲେଖ କରିପାରିଥାନ୍ତେ, ସେତକ ବି ଇତିହାସରେ ନାହିଁ। ତେବେ ଇଏ ରାଜାମାନଙ୍କର କେଉଁ ପ୍ରକାରର ଭକ୍ତି ଜଗନ୍ନାଥଙ୍କ ପାଇଁ ? ବିଶର ମହାନ୍ତିଙ୍କର ଏହି ରୋମାଞ୍ଚକର ଅଧ୍ୟାୟ ସ୍ପଷ୍ଟ ପ୍ରମାଣ କରି ଦେଉଛି ଯେ ଜଣେ ସାଧାରଣ ମଣିଷଟି ଭିତରେ ଯେଉଁ ଭାବ, ଭକ୍ତି, ମାନବିକତାର ଅଖଣ୍ଡ ନିର୍ଝର ପ୍ରବାହିତ ହୁଏ। ଯେତିକି ଭାବାବେଗ ଉଚ୍ଛ୍ୱଳିତ ଉଠେ, ସେତିକି ଏ ସମାଜରେ ବାସ କରୁଥିବା ସାମନ୍ତବାଦୀ ମନସ୍କ ଅଧିକାଂଶ ବ୍ୟକ୍ତିଙ୍କ ହୃଦୟରେ ପ୍ରକଟିତ ହୁଏ ନାହିଁ। (କ୍ରମଶଃ)

# ଅଫିସର୍ ଅର୍ଥ ଅଧିକାରୀ ନୁହେଁ

## ପ୍ରକୃତ ସଂବୋଧନାର୍ଥ ବ୍ୟବହାର ହେବା ଅତ୍ୟାବଶ୍ୟକ !

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ- ସାମାଜିକ
ଜନମଞ୍ଚ(ଭାରତ)
ଛତ୍ରପୁର, ଗଂଜାମ- ୭୬୧୦୨୦
ମୋ : ୯୪୩୭୩୨୪୯୧୭

ଇଂରେଜ ଛାଡି ଚାଲିଗଲେ । ଦେଶ ସ୍ୱାଧୀନ ହୋଇଗଲା । ସ୍ୱାଧୀନତା ଦିବସ ପାଳନ ହେଉଛି ପ୍ରତିବର୍ଷୀ ଦେଶରେ ସ୍ୱରାଜ ଶାସନ ଲାଗୁ ହେଲା । ସ୍ୱରାଜ ଶାସନ ପାଇଁ ଅନେକ ଦଳ ଗଠନ ହେଲା । ବିଭିନ୍ନ ଦଳ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହେଲା ଯେ ଦେଶ ଶାସନ କରିବ କିଏ ? ଭିନ୍ନ ଭିନ୍ନ ଦଳ ଗୁଡିକ ସାଧାରଣ ଲୋକଙ୍କୁ ନିଜ ନିଜର ଦକ୍ଷତା ବଖାଣିଲେ । ଦେଶରେ ନିର୍ବାଚନ ମାଧ୍ୟମରେ ଗଠନ ହେଲା ସ୍ୱରାଜ ସରକାର । ଦୀର୍ଘ ୭୭ ବର୍ଷ ବିତିଗଲା । ଗୋଟିଏ ପରେ ଗୋଟିଏ ଶାସକ ଦଳର ଆବିର୍ଭାବ ହୋଇ ଚାଲିଲା ଦେଶର ଶାସନ ବ୍ୟବସ୍ଥା । ସାଧାରଣ ଲୋକେ ପ୍ରତିଥର ବିଚାର କଲେ ଯେ କିଏ ଆମକୁ ସୁଶାସନ ଦେଇ ପାରିବ ! ଲୋକଙ୍କ ବିଚାରକୁ ନେଇ ନିର୍ବାଚନୀ ବିଜୟ ପରେ ଶାସକ ଆରମ୍ଭ କଲେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ । ଅଦ୍ୟାବଧି ଅନେକ ଦଳ ଆମକୁ ଶାସନ କରି ଆସୁଛନ୍ତି ଯାହା ସବୁ ଆମେ ଦେଖୁଛେ । ହେଲେ ଏପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ଦଳ ବିଚାର କଲେ ନାହିଁ କି ଦେଶ ଚାଲୁଛି କେମିତି ? ଦେଶର ସାଧାରଣ ନାଗରିକ ଭଲରେ ଅଛନ୍ତି ନା କିଛି ସଂସ୍କାର, ସୁଧାରର ଆବଶ୍ୟକତା ରହିଛି ଆମ ଆଇନ, କାନୁନ, ନିୟମ ଗୁଡିକ ଉପରେ ? ଦେଶର ଶାସନ, ପ୍ରଶାସନ ଏବଂ ନ୍ୟାୟାଳୟ ଏହି ତିନୋଟି ବ୍ୟବସ୍ଥା ମାଧ୍ୟମରେ ଚାଲିଛି ଆମ ଦେଶ ଶାସନା ଏହି ତିନୋଟିର କାର୍ଯ୍ୟଧାରାକୁ ସର୍ବସମ୍ମୁଖରେ ପ୍ରତିପାଦନ କରୁଛି ଆଉ ଏକ ବ୍ୟବସ୍ଥା ଯାହାକୁ କୁହାଯାଏ ଗଣମାଧ୍ୟମ । ପ୍ରଥମ ତିନିଟି ବ୍ୟବସ୍ଥା ମଧ୍ୟରେ ସମ୍ପର୍କର ନିବିଡ଼ତା ଏକ ଜଟିଳ ମାଧ୍ୟମ ଦେଇ ଗତି କରୁଥିବା ବେଳେ ତାହା ଅନେକ ଆଇନ କାନୁନ ମଧ୍ୟରେ ବନ୍ଧା ହୋଇ ରହିଛି । ଚତୁର୍ଥଟି ଏକ ସ୍ୱେଚ୍ଛାସେବୀ ବ୍ୟବସ୍ଥା ଭଳି କାର୍ଯ୍ୟ କରିଥାଏ । କିନ୍ତୁ ସେମାନଙ୍କୁ ମଧ୍ୟ ନିୟନ୍ତ୍ରିତ ସୀମାରେଖା ମଧ୍ୟରେ କେତେକ ଆଇନ ଦ୍ୱାରା ବାନ୍ଧି ରଖି, ଚାଲିଛି ଆମ ସମାଜ । କହିବାକୁ ଗଲେ ଚାରୋଟି ସଂସ୍ଥା ଅଳ୍ପ ବହୁତେ କେତେକ ସାମ୍ବିଧାନିକ ଆଇନ ଦ୍ୱାରା ହିଁ ପରିଚାଳିତ ହେଉଛନ୍ତି ଆମ ସମାଜରେ। ପ୍ରଥମ ତିନୋଟି ବ୍ୟବସ୍ଥାରେ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷ ସର୍ବଜନ ସରକାରୀ ପାଣ୍ଠିରୁ ନିଜର ପାରିଶ୍ରମିକ ନେଇଥାନ୍ତି । ଚତୁର୍ଥଟି ପାଇଁ କେତେବେଳେ କିଞ୍ଚିତ ଅନୁଦାନ ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରାୟତଃ ସେମାନେ ନିଜସ୍ୱ ପାଣ୍ଠିରୁ ହିଁ ଚଳାଉଛନ୍ତି ସେମାନଙ୍କ ସଂସ୍ଥା

ବର୍ତ୍ତମାନ ବିଚାର କରାଯିବା ବିଷୟ ଏହା କି, ଯେ ଦେଶ ଶାସନ ପାଇଁ ଲେଖାଯାଇଥିବା ସାମ୍ବିଧାନିକ ଆଇନ ଗୁଡିକ ଲେଖାଯାଇଅଛି କେମିତି ? ଆମ ଦେଶର ସାମ୍ବିଧାନିକ ଆଇନ ଗୁଡିକ ପୂର୍ବ ଭାରତୀୟ ସଂସ୍କାର, ସଂସ୍କୃତି, ଦାର୍ଶନିକ ତତ୍ତ୍ୱ, ମାନବିକ ମନୋଭାବ ଜନିତ ଶୃଙ୍ଖଳା ଆଧାରିତ ନା ଆଉ କିଛି ? ଯେଉଁ ସବୁ ଆଇନ ବିଭିନ୍ନ ବ୍ୟବସ୍ଥା ଗୁଡିକ ପାଇଁ ଲେଖାଯାଇ ଅଛି ସେଗୁଡିକ ସମ୍ପୂର୍ଣ୍ଣ ଭାରତୀୟ ମନୋଭାବ ଆଧାରିତ ନା ଆଉ କ'ଣ ? ଏମିତି ଅନେକ ପ୍ରଶ୍ନ ଉଙ୍କି ମାରୁଛି ମନରେ ଯେତେବେଳେ ଆମକୁ କେତେକ ଆଇନ ସଠିକ ମର୍ଯ୍ୟାଦା ଦେଇପାରୁ ନାହିଁ ଜଣେ ସ୍ୱତନ୍ତ୍ର ନିରପେକ୍ଷ ରାଷ୍ଟ୍ରୀୟ ନାଗରିକ ହିସାବରୋ ଦେଖିବାକୁ ଗଲେ ପ୍ରାୟତଃ ସମସ୍ତ ଆଇନ କେବଳ ଇଂରେଜ ମନୋଭାବ ଜନିତ ଲେଖାଯାଇ ଅଛି ଯାହା ସାଧାରଣ ଭାରତୀୟ ନାଗରିକ ଆଜି ପର୍ଯ୍ୟନ୍ତ ବୁଝି ପାରୁନାହାନ୍ତି । ରାଷ୍ଟ୍ରୀୟ ପରିଚାଳନା ବ୍ୟବସ୍ଥାରେ ରହିଥିବା ଆଇନ କାନୁନ ଏବଂ ନିୟମ ଗୁଡିକ ବିଦେଶୀ ଢାଞ୍ଚାରେ ଲିପିବଦ୍ଧ ହୋଇ ରହିଛି ! ସେଗୁଡିକ ମଧ୍ୟରେ ଆଦୌ ଭାରତୀୟ ଭାଷାତତ୍ତ୍ୱ କିମ୍ବା ଦର୍ଶନ ତତ୍ତ୍ୱ ଦେଖିବାକୁ ମିଳିବ ନାହିଁ ସମୀକ୍ଷା କରାଗଲେ । ଏମିତିକି ଆମ ନ୍ୟାୟିକ ବ୍ୟବସ୍ଥାରେ ଲିପିବଦ୍ଧ ରହିଥିବା ଆଇନ ଗୁଡିକ ଜଣେ ସାଧାରଣ ମଣିଷ ତ ବହୁତ ଦୂର ଉଚ୍ଚ ଶିକ୍ଷିତ ମାନେ ମଧ୍ୟ ବୁଝିବା କଷ୍ଟକର ! ଇତି ମଧ୍ୟରେ ସେହି ସବୁ ଇଂରେଜ / ପାଶ୍ଚାତ୍ୟ ମାନସିକତାରେ ଲିଖିତ ଆଇନ ଓ ନିୟମ ଗୁଡିକ ମଧ୍ୟରେ କେତେକ ସାଙ୍ଘାତିକ ତ୍ରୁଟିପୂର୍ଣ୍ଣ ଭାଷାତତ୍ତ୍ୱ ବ୍ୟବହୃତ ହେଉଛି ଅଦ୍ୟାବଧି ଯାହା ଆମ ସମାଜକୁ ଇଂରେଜ ଶାସିତ କରି ରଖିଛି ଯାହା ସେମାନଙ୍କ ମୁଖ୍ୟ ଷଡ଼ଯନ୍ତ୍ର ଥିଲା ! ଏହି ପ୍ରସଙ୍ଗରେ ଦେଖିଲେ ଜାଣିହେବ ଯେ ଇଂରେଜମାନେ ଦେଶ ବ୍ୟାପି ବିଭିନ୍ନ ନିୟନ୍ତ୍ରଣ କାର୍ଯ୍ୟାଳୟ ସ୍ଥାପିତ କରି ଚଳାଇଥିଲେ ସେମାନଙ୍କ ରାଜୁତି । ସେମାନଙ୍କ ଅଧିନରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଯଥେଷ୍ଟ ଅଖଣ୍ଡ କ୍ଷମତା ପ୍ରଦାନ କରିଥିଲେ ସ୍ଥାନୀୟ ଲୋକଙ୍କ ଉପରେ ଅତ୍ୟାଚାର କରି ସାଧାରଣ ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଦମନ କରି ରଖିବା ପାଇଁ । ତଦନୁଯାୟୀ ଇଂରେଜ ମାନେ ତାଙ୍କ କର୍ମଚାରୀ ମାନଙ୍କ ବିଭିନ୍ନ ଉପାଧି ନିର୍ଦ୍ଧାରିତ କରିଥିଲେ ଯାହା ଲୋକଙ୍କୁ ଭୟାତୁର କରି ରଖୁଥିଲା। ଏବଂ ସେମାନେ ମଧ୍ୟ ଲୋକଙ୍କ ଉପରେ ନିଜର କ୍ଷମତା, ଦକ୍ଷତା ସାବ୍ୟସ୍ତ କରି ଦମନଲୀଳା ଚଳାଉଥିଲେ । ଆଜି ମଧ୍ୟ ଆମ ଦେଶରେ ସମାନ ଢଙ୍ଗରେ ପ୍ରଚଳିତ ଆମ ଶାସନ ବ୍ୟବସ୍ଥା ସାଧରଣ ଲୋକଙ୍କୁ ସେହିଭଳି ଇଂରେଜର କ୍ରୀତଦାସ ଭଳି କରି ରଖିଛି ! ତଦ୍ୱାରା ଶାସନ କ୍ଷମତାରେ ରହୁଥିବା ସରକାରୀ କଳ ସେମାନଙ୍କ ମାଧ୍ୟମରେ ନିୟନ୍ତ୍ରଣାଧିନ କରି ରଖିଛନ୍ତି ସାଧାରଣ ନିରୀହ ଜନତାଙ୍କୁ ! ଏହି ପ୍ରସଙ୍ଗରେ ଅତ୍ୟନ୍ତ ଗମ୍ଭୀର ଅମାନୁଷିକ ବିଚାର ସୃଷ୍ଟି ହୁଏ ମନରେ ସେମାନଙ୍କର ଯେଉଁମାନେ କାର୍ଯ୍ୟରତ ସରକାରୀ ପ୍ରଶାସନିକ ବ୍ୟବସ୍ଥାରେ । କେମିତି, ବିଚାର କରି ଦେଖିବା...

ଆମ ଦେଶ ଯଦି ଗୋଟିଏ ଗଣତନ୍ତ୍ର ରାଷ୍ଟ୍ର ତା ଅର୍ଥ ହେଉଛି ସରକାର ଏବଂ ଦେଶର ଶାସନ କଳର ମାଲିକ ହେଉଛନ୍ତି ସର୍ବସାଧାରଣ ଜନତା । ସେମାନଙ୍କ ପାଇଁ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ସେମାନଙ୍କ ସାମୁହିକ ଅର୍ଥରୁ ନିଜର ପାରିଶ୍ରମିକ ପାଉଥିବା କାରଣରୁ ସେମାନେ ହୁଅନ୍ତି ସରକାରୀ ଚାକିରିଆ ଅର୍ଥ ଚାକର ! ଏହା ଏକ ସତ୍ୟ ବଚନ । କିନ୍ତୁ ଆମ ଦେଶରେ ସେମିତି ହେଉଛି କି ? ଆଦୌ ନୁହେଁ! କାରଣ ଶାସନ, ପ୍ରଶାସନ ବ୍ୟବସ୍ଥା ପାଇଁ ଅବସ୍ଥାପିତ କାର୍ଯ୍ୟାଳୟ ଗୁଡିକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ସରକାରଙ୍କ କର୍ମକର୍ତ୍ତା ଚାକର । ସେମାନେ ସାଧାରଣ ଲୋକ ଅର୍ଥାତ ଜନସାଧାରଣଙ୍କୁ ସରକାରୀ ଅଧିକାରୀର ମର୍ଯ୍ୟାଦା ଦେବା କଥା। ଆମ ଦେଶରେ କିନ୍ତୁ ତା'ର ବିପରୀତରେ କାର୍ଯ୍ୟ ଚାଲୁଥିବା କିଏ ନଜାଣନ୍ତି ! ଏମିତି ହେବାର ମୁଖ୍ୟ କାରଣ ହେଉଛି ଆମେ ସେହି ଇଂରେଜ ପ୍ରଣୋଦିତ ମାନ୍ୟତା ଦେଇ ଆସୁଅଛେ ଆମର ସବୁ ବର୍ଗର ଚାକରଙ୍କୁ ! ଇଂରେଜ ମାନ୍ୟତା ଅନୁଯାୟୀ କେବଳ ସେମାନଙ୍କ ନିଜ ଲୋକ ବ୍ୟତୀତ ଅନ୍ୟ ସମସ୍ତ ଭାରତୀୟ କର୍ମକର୍ତ୍ତାଙ୍କୁ ଅଫିସର ବୋଲି ସେମାନେ କହୁଥିଲେ । ସେମାନେ ତାଙ୍କ ଭାଷା ଇଂରେଜରେ ଯାହା କହୁଥିଲେ ତାର ଅର୍ଥ ହେଉଛି କାର୍ଯ୍ୟାଳୟ କର୍ମକର୍ତ୍ତା । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ ଅଫିସର ଅର୍ଥାତ ଭାରତୀୟ ଭାଷାରେ ସେମାନଙ୍କୁ ଅଧିକାରୀ ବୋଲି ଆମେ କହିବାର ତାତ୍ପର୍ଯ୍ୟ କ'ଣ ? ଅଫିସ ଅର୍ଥ ହେଉଛି କାର୍ଯ୍ୟାଳୟ ସେହି ଅଫିସ ବା କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଲୋକଙ୍କୁ କର୍ମଚାରୀ କୁହାଯିବ । ଯଦି ସେହି କାର୍ଯ୍ୟାଳୟର ଜଣେ ମୁଖ୍ୟ କର୍ମକର୍ତ୍ତା ନିଯୁକ୍ତି ହୁଅନ୍ତି ତାହେଲେ ତାଙ୍କୁ ସେହି କାର୍ଯ୍ୟାଳୟ ମୁଖ୍ୟ କର୍ମଚାରୀ ବୋଲି କୁହାଯାଇ ପାରିବ । କିନ୍ତୁ ସେମାନଙ୍କୁ ଅଧିକାରୀ ବୋଲି କହିବା ଉଦ୍ଦେଶ୍ୟ ଆମର କ'ଣ ? ଅଧିକାରୀ ଶବ୍ଦର ଭାରତୀୟ ଭାଷା ଅର୍ଥ ହେଉଛି ମାଲିକ । ଗଣତନ୍ତ୍ର ରାଷ୍ଟ୍ରରେ ଜନସାଧାରଣ ଅଧିକାରୀ ବା ମାଲିକ ହୋଇଥିବା ବେଳେ ସେମାନେ ସାମାନ୍ୟ କର୍ମଚାରୀ ହୋଇଥାନ୍ତି । ସେମାନେ ଅଧିକାରୀ ବା ମାଲିକ ହେଲେ କେମିତି ବୁଝିବା ଅତ୍ୟନ୍ତ କଷ୍ଟ ! ତେଣୁ ସେମାନଙ୍କୁ ଅଧିକାରୀ ବୋଲି ପଦବାଚ୍ୟ ଏମିତି ଏକ ସ୍ତରକୁ ଆଣି ପହଞ୍ଚାଇ ଦେଉଛି ଯେ ସେମାନେ ନିଜକୁ ମାଲିକ ବୋଲି ଭାବି, ଅର୍ଥାତ ଜନସାଧାରଣଙ୍କୁ ନିଜ ପାଦ ତଳର ଚାକର ବା କ୍ରୀତଦାସ ଭଳି ଅନୁଭବ ଓ ବ୍ୟବହାର କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ! ଏହି କ୍ରମରେ ଗଣତନ୍ତ୍ରର ପ୍ରକୃତ ମାଲିକ ଅର୍ଥାତ ସାଧାରଣ ଜନତା ସେମାନଙ୍କ ଚାକର ଅର୍ଥାତ ସରକାରୀ କର୍ମଚାରୀଙ୍କୁ ଅନୁରୋଧ ପତ୍ର ଲେଖିବାକୁ ପଡୁଛି ଯାହା ଭାରତୀୟ ମନୋଭାବରେ ଏକ ସାଙ୍ଘାତିକ ବିଡମ୍ବନା ! ତେଣୁ ଏଠାରେ ଗୋଟିଏ ସନ୍ଦେଶ ଦିଆଯିବା ବିଷୟ ଏହାକି ଯେ ସରକାର ସେମାନଙ୍କୁ ସରକାରୀ ଅଧିକାରୀ ଶବ୍ଦର ବ୍ୟବହାର କରିବା ବନ୍ଦ କରନ୍ତୁ ଏବଂ ଲୋକଙ୍କୁ ନିଜର ସ୍ୱତନ୍ତ୍ର ଅଧିକାର ସାବ୍ୟସ୍ତ କରିବା ସୁଯୋଗ ଦିଅନ୍ତୁ ଯଦି ଆମ ଦେଶକୁ ଗଣତନ୍ତ୍ର ଦେଶ ବୋଲି କୁହାଯାଉ ଅଛି । ଅଥବା ଏହା ଏକ ଇଂରେଜ ଶାସିତ ଅବା ରାଜତନ୍ତ୍ରିକ ରାଷ୍ଟ୍ର ବୋଲି ଘୋଷଣା କରି ଲୋକଙ୍କ ଭ୍ରାନ୍ତି ଦୂର କରିବା ଅନିବାର୍ଯ୍ୟ । ଯଦି ଆମ ଦେଶ ପ୍ରକୃତରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରୁଛି ରାଷ୍ଟ୍ରର ନାଗରିକଙ୍କୁ ତାହେଲେ ସରକାରୀ କର୍ମଚାରୀଙ୍କ ଉପାଧିରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି ଯାହା ସେମାନଙ୍କୁ କେବଳ କର୍ମଚାରୀ ବୋଲି କୁହାଯାଉ କିନ୍ତୁ ଅଧିକାରୀ ନୁହନ୍ତି । ତଦ୍ୱାରା ଦେଶର ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ ଧରଣର ପରିବର୍ତ୍ତନ ସମ୍ଭବ ହେବ ଯାହା ସାଧାରଣ ଲୋକଙ୍କୁ ଏକ ଗଣତନ୍ତ୍ର ରାଷ୍ଟ୍ରର ଅନୁଭୂତି ପ୍ରଦାନ କରିବାରେ ସମର୍ଥ ହେବ । ଅନ୍ୟଥା ଏହା ଏକ କ୍ରୁର ଶାସନ ତନ୍ତ୍ର ବ୍ୟତୀତ ଆଉ କିଛି ହୋଇ ନପାରେ ଯେତେବେଳ ପର୍ଯ୍ୟନ୍ତ ଘରର ଚାକରକୁ ଅଧିକାରୀ ବା ମାଲିକର ମାନ୍ୟତା ଦେଇ ପ୍ରକୃତ ମାଲିକ ତା ପାଖରେ ନତମସ୍ତକ ପୂର୍ବକ ନିଜର ହକ୍‌କୁ ଅନୁରୋଧ ମାଧ୍ୟମରେ ଜଣାଇବାକୁ ପଡୁଛି ! ଏହି କ୍ରମରେ ପ୍ରତ୍ୟେକ ସ୍ଥାନରେ କାର୍ଯ୍ୟରତ ବିଭିନ୍ନ କର୍ମକର୍ତ୍ତାଙ୍କ ଭୂମିକାକୁ ନେଇ ସେମାନଙ୍କ ପଦବାଚ୍ୟ ପ୍ରକୃତ ଭାରତୀୟ ଭାଷା, ସଂସ୍କୃତି ଓ ଦାର୍ଶନିକ, ମାନବିକ ସଂବୋଧନାର୍ଥ ବ୍ୟବହାର ହେବା ଅତ୍ୟାବଶ୍ୟକ ଯାହା ଭାରତୀୟ ସମ୍ବିଧାନ ସଂଶୋଧନ କରିବା ପାଇଁ ତତ୍ପରତା ପ୍ରଦର୍ଶନ କରାଯାଉ । ତେହେଲେ ଯାଇ ଆମ ଦେଶ ଏକ ସୁଧାର ଦିଗରେ ଅଗ୍ରଗତି ହୋଇପାରିବା ଅନ୍ୟଥା ସର୍ବକାଳ ଆମେ ଏକ କ୍ରୁର ଶାସନ ତନ୍ତ୍ରର କ୍ରୀତଦାସ ଭଳି ବଞ୍ଚିବା ଛଡା ସ୍ୱତନ୍ତ୍ରତା ଏଠାରେ ସ୍ୱପ୍ନ ହୋଇ ରହିଛି ରହିବ ମଧ୍ୟ ।

# ଡାଟା ସୁରକ୍ଷାକୁ ନେଇ ଉଦ୍‌ବେଗ



ହିତାଂଶୁ ଶେଖର ମହାନ୍ତ
ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪

କେନ୍ଦ୍ର ସରକାର ହାଲିକୁ ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ନିୟମ-୨୦୨୫ (ଡିପିଡିପି)ର ଡ୍ରାଫ୍ଟ ଜାରି କରିଛନ୍ତି । ଏହା ଡିଜିଟାଲ ବ୍ୟକ୍ତିଗତ ଡାଟା ସୁରକ୍ଷା ଆଇନ-୨୦୨୩ର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାକୁ ବାଟ ଫିଟାଇଛି । ବର୍ଷେ ତଳେ ଏହି ଆଇନ ସଂସଦରେ ଗୃହୀତ ହୋଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ଯେଉଁ ନିୟମ ପ୍ରଣୟନ କରାଯିବ, ତାହା ଏପର୍ଯ୍ୟନ୍ତ ବିକଶିତ ହେଉଛି । ବର୍ତ୍ତମାନ କେବଳ ଜନସାଧାରଣଙ୍କ ପରାମର୍ଶ ପାଇଁ ଡ୍ରାଫ୍ଟଟିକୁ ପ୍ରସ୍ତୁତ କରାଯାଇଛି । ଏହି ଡ୍ରାଫ୍ଟ ନିୟମକୁ ଆସନ୍ତା ଫେବୃଆରି ୧୮ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ମତାମତ ପାଇଁ ଉନ୍ମୁକ୍ତ ରଖାଯାଇଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରାଳୟ ମାଇଁଗଭ ପୋର୍ଟାଲରେ କହିଛି ଯେ, ଏହି ମତାମତଗୁଡ଼ିକ କୌଣସି ପରିସ୍ଥିତିରେ ମଧ୍ୟ ସାର୍ବଜନୀନ କରାଯିବ ନାହିଁ । ବର୍ତ୍ତମାନ କୁହାଯାଇ ପାରିବ, ଦୀର୍ଘଦିନ ପରେ ହେଉ ପଛକେ ଏହା ଭାରତୀୟଙ୍କ ପାଇଁ ତଥ୍ୟଗତ ଓ ସୂଚନାଗତ ଗୋପନୀୟତାର ମୂଳ ଅଧିକାର ଲାଗୁ କରିବା ଦିଗରେ ଏକ କ୍ଷୀଣ ପ୍ରଗତି । ବିଚାରପତି 'ଜଷ୍ଟିସ କେ. ଏସ୍. ପୁଟାସ୍ୱାମୀ ବନାମ ଭାରତ ସଂଘ' ଭଳି ଐତିହାସିକ ମାମଲାରେ ୨୦୧୭ ମସିହାରେ ହିଁ ସୁପ୍ରିମ କୋର୍ଟ ଏହି ଅଧିକାର କଥା ଉଲ୍ଲେଖ କରିଥିଲେ । ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରେ, ଦୀର୍ଘ ୭ ବର୍ଷ ଅପେକ୍ଷାର କୁପରିଣାମ ଭାରତରେ ଡାଟା ପ୍ରାଇଭେସିକୁ ଭୋଗିବାକୁ ପଡ଼ିଛି । କାରଣ ଏହି ସମୟ ମଧ୍ୟରେ ହିଁ ଡିଜିଟାଲ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ପ୍ରସ୍ତାବିତ ନିୟମ କହୁଛି, ଅନ୍‌ଲାଇନ୍ ସେବାଗୁଡ଼ିକ ପାଇଁ ଉପଭୋକ୍ତାଙ୍କୁ ଡାଟା ସଂଗ୍ରହର ଉଦ୍ଦେଶ୍ୟ ସମ୍ପର୍କରେ ସୂଚାଇବା ସାଙ୍ଗକୁ ଛୋଟ ପିଲାଙ୍କ ଅନ୍‌ଲାଇନ୍ ଡାଟାର ସୁରକ୍ଷା କରିବା ଏବଂ 'ଡାଟା ଫିଡୁସିଆରୀ' ନିମନ୍ତେ ଡିପିଡିପି ଆଇନ ଏକ ଆଇନଗତ ଢାଞ୍ଚା ପ୍ରଦାନ କରିବ, ଯାହା 'ଡାଟା ପ୍ରିନ୍ସିପାଲ' କିମ୍ବା ଉପଭୋକ୍ତାଙ୍କଠାରୁ ବ୍ୟକ୍ତିଗତ ଡାଟା ସଂଗ୍ରହ କରୁଥିବା ସଂସ୍ଥାଗୁଡ଼ିକ ଯେପରି ଏହାର ଅପବ୍ୟବହାର ନ କରିବେ ତାହା ଉପରେ ନଜର ରଖିବ, ତତ୍ ସଙ୍ଗେ ସଙ୍ଗେ ଡାଟା ସୁରକ୍ଷା ନୀତିର ଉଲ୍ଲଂଘନ କରୁଥିବା ସଂସ୍ଥାଗୁଡ଼ିକୁ ଦଣ୍ଡିତ କରିବ । କେତେକ କ୍ଷେତ୍ରରେ ଯଦି କୌଣସି ଉପଭୋକ୍ତା ଦୀର୍ଘ ସମୟ ଧରି ଇ-କମର୍ସ ପ୍ରୋଭାଇଡର, ସୋସିଆଲ ମିଡିଆ ପ୍ଲାଟଫର୍ମ କିମ୍ବା ଅନ୍‌ଲାଇନ୍ ଗେମିଂ ସେବା ବ୍ୟବହାର କରୁନାହାଁନ୍ତି, ତେବେ ନିୟମାନୁଯାୟୀ, ୪୮ ଘଣ୍ଟାର ଆଗୁଆ ନୋଟିସ୍ ଏବଂ ଡିଲିଟ୍ ବନ୍ଦ କରିବା ପାଇଁ ସମୟ ପ୍ରଦାନ କରିବା ପରେ ସେମାନଙ୍କ ଡାଟା ଡିଲିଟ୍ କରିବାକୁ ପଡ଼ିବ । ତା' ଛଡ଼ା ଡାଟା ସୁରକ୍ଷା ଅଧିକାରୀଙ୍କ ଯୋଗାଯୋଗ ସୂଚନା ଡାଟା ସିକ୍ୟୁରିଟି ୱେବ୍ ସାଇଟ୍‌ରେ ପ୍ରଦାନ କରିବା ବାଧ୍ୟତାମୂଳକ ହେବ । ଏହି ଆଇନ ପାଳନକୁ କଡ଼ାକଡ଼ି କରିବାକୁ ଡାଟା ପ୍ରଦାନକାରୀମାନେ ସମୟ ସମୟରେ ଅଡିଟ୍ ବା ଯାଞ୍ଚ କରିବା ଆବଶ୍ୟକ ବୋଲି ନିୟମରେ ଉଲ୍ଲେଖ ଅଛି । ଏ ପରିପ୍ରେକ୍ଷୀରେ ଭାରତୀୟ ଡାଟା ସୁରକ୍ଷା ବୋର୍ଡ (ଡିପିବିଆଇ) ସ୍ଥାପନ ଅତ୍ୟାବଶ୍ୟକ ହୋଇପଡ଼ିଛି । କାରଣ ଡାଟା ଲିକ୍ ହେବାର ୭୨ ଘଣ୍ଟା ମଧ୍ୟରେ ଏହାକୁ ଜଣାଇବାକୁ ସୂଚାଇ ଦିଆଯାଇଛି । ତେବେ ସରକାରୀ ଏଜେନ୍ସୀଗୁଡ଼ିକୁ ଉପରୋକ୍ତ ଅଧିନିୟମ ପରିସରରୁ ବାହାରେ ରଖାଯିବା ନିମନ୍ତେ ମାନକ ନିର୍ଦ୍ଧାରଣ କରିବାକୁ ପଡ଼ିବ । କୌଣସି ଡାଟା ଏଜେନ୍ସୀଙ୍କ ଦ୍ୱାରା ବ୍ୟକ୍ତିଗତ ଡାଟା ଉଲ୍ଲଂଘନ କରାଗଲେ ସେଥିପାଇଁ ନିଆଯିବାକୁ ଥିବା ଆଇନ ବ୍ୟବସ୍ଥା ମଧ୍ୟ ସ୍ପଷ୍ଟ ଭାବରେ ନିର୍ଦ୍ଧାରଣ ହେବା ଉଚିତ । ନାବାଳକ ବା ଛୋଟପିଲାଙ୍କ କ୍ଷେତ୍ରରେ ମଧ୍ୟ ଉପଯୁକ୍ତ ବୈଷୟିକ ଏବଂ ସାଂଗଠନିକ ପଦକ୍ଷେପ ଗ୍ରହଣ କରାଯିବ, ଯାହାଦ୍ୱାରା ସେମାନଙ୍କର କୌଣସି ବ୍ୟକ୍ତିଗତ ତଥ୍ୟ ବ୍ୟବହାର ପୂର୍ବରୁ ମାତାପିତା କିମ୍ବା ଅଭିଭାବକଙ୍କ ସମ୍ମତି ନେବା ବାଧ୍ୟତାମୂଳକ ରହିବ । ତେବେ ପ୍ରସ୍ତାବିତ ଡିପିବିଆଇର ରୂପରେଖ ସହ ଉପୁଜିବାକୁ ଥିବା ସମସ୍ୟାର ସମାଧାନ ଏହି ପ୍ରସ୍ତାବିତ ନିୟମାବଳିରେ ନାହିଁ । ଏଭଳି ସମସ୍ୟା ଉପୁଜିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ । ତେବେ ସରକାର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନୀତିର ନିୟମ ନିର୍ମାଣ ପ୍ରକ୍ରିୟାକୁ ଗୋପନୀୟ ରଖିବାକୁ ନେଇ ବିଭିନ୍ନ କ୍ଷେତ୍ରରୁ ମଧ୍ୟ ସମାଲୋଚନାର ସ୍ୱର ଉଠୁଛି । ଡାଟା ସୁରକ୍ଷା ନିମନ୍ତେ ପ୍ରଥମେ ଆଇନର ଡ୍ରାଫ୍ଟ ପ୍ରସ୍ତୁତ କରିବା ନିମନ୍ତେ ଜଷ୍ଟିସ୍ ବି. ଏନ୍. ଶ୍ରୀକୃଷ୍ଣ କମିଟିଙ୍କ ବୈଠକ ଡାକିବାଠାରୁ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ କରାଯାଇଥିବା ସୁପାରିଶଗୁଡ଼ିକୁ ସାର୍ବଜନୀନ କରିବାକୁ ନାସ୍ତିବାଣୀ ଶୁଣାଇ ଆସିଛନ୍ତି ଏବଂ ଏହି ଡ୍ରାଫ୍ଟ ନିୟମର ଖୁଲାସା ଉପରେ ମଧ୍ୟ କଟକଣା ଲଗାଇଛନ୍ତି । ଯେଉଁଠି ବ୍ୟକ୍ତିଗତ ଉପଭୋକ୍ତାମାନଙ୍କ ସହ ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ବଡ଼ ବଡ଼ କମ୍ପାନୀଗୁଡ଼ିକର ଭାଗ୍ୟ ମଧ୍ୟ ବାଜିରେ ଲାଗିଛି, ସେଭଳି କ୍ଷେତ୍ରରେ ଏଭଳି ଆଇନ ନିମନ୍ତେ ବିଚାର-ବିମର୍ଶ ନିତାନ୍ତ ଆବଶ୍ୟକ । ସେତେବେଳେ ଯାଇ ଏହାକୁ ସୁଗମ ବୋଲି ମନେକରାଯିବ, ଯେତେବେଳେ ଶିଳ୍ପୋଦ୍ୟୋଗୀ ସଂଘ ଏବଂ ସାଧାରଣ ଜନତା ଏହି ବିଚାର-ବିମର୍ଶ ପ୍ରକ୍ରିୟାରେ ପାରସ୍ପରିକ ଦୃଷ୍ଟିକୋଣକୁ ଭଲଭାବରେ ବୁଝିବାର ସୁଯୋଗ ପାଇବେ । ସରକାର ମଧ୍ୟ ଏସବୁକୁ ଧ୍ୟାନରେ ରଖି ଆଗେଇବା ଆବଶ୍ୟକ । ଏଥିସହ ଡାଟା ସୁରକ୍ଷା ଆଇନ ତା'ର ଲକ୍ଷ୍ୟରୁ ବିଚ୍ୟୁତ ନ ହେବା ଆବଶ୍ୟକ । ଡାଟା ସଂଗ୍ରହକୁ କମ୍ କରିବା, ଖୁଲାସା ବା ଡିସକ୍ଲୋଜର୍‌ରେ ଅଭିବୃଦ୍ଧି, ଡାଟା ସୁରକ୍ଷାରେ ବ୍ୟକ୍ତିଗତ ଡାଟା ବ୍ୟବହାର କରୁଥିବା ଏଜେନ୍ସୀର ଦାୟିତ୍ୱହୀନତା ପାଇଁ ଦଣ୍ଡିତ କରିବା ଏବଂ ବ୍ୟକ୍ତିଗତ କିମ୍ବା ସରକାରୀ ସଂସ୍ଥାର ସର୍ବେକ୍ଷଣ କାର୍ଯ୍ୟରେ ରୋକ୍ ଲଗାଇବା ହେଉଛି ଏହାର ଲକ୍ଷ୍ୟ । ଅତଏବ ଏହି ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ, କାରଣ ଭାରତୀୟଙ୍କ ପାଇଁ ୨୦୧୭ ମସିହାରୁ ହିଁ ଯେଉଁ ଅଧିକାର କଥା ଉଲ୍ଲେଖ କରାଯାଇଛି, ସେମାନେ ଦୀର୍ଘ ସମୟରୁ ଯାହାର ଅପେକ୍ଷାରେ ରହିଛନ୍ତି, ତାହା ଅନ୍ତତଃ ସେମାନଙ୍କ ପାଇଁ ଏକ ସାନ୍ତ୍ୱନା ପାଲଟିବ । ଅନ୍ୟଥା ସରକାରୀ ଏଜେନ୍ସୀଗୁଡ଼ିକ ସହିତ ଘରୋଇ ଉଦ୍ୟୋଗ ଏବଂ ବ୍ୟକ୍ତିଗତ ସ୍ତରରେ ମଧ୍ୟ ଡାଟା ସଂରକ୍ଷଣ ନେଇ ସରକାରଙ୍କ ଗମ୍ଭୀରତା ପ୍ରତି ଲାଗିଥିବା ପ୍ରଶ୍ନଚିହ୍ନରେ ସୁଧାର ଆସିବ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଝରକା

ସୁନନ୍ଦା ମହାନ୍ତି

ଘରେ ତ ଅନେକ ଝରକା। ନହେଲେ ଆଲୋକ ଯିବା ଆସିବା, ବାୟୁ ଚଳାଚଳ ହେବ କେମିତି କିନ୍ତୁ ଆଜିକାଲିକା କମ୍ପାକ୍ଟ ଘରର ଝରକା କୋଉ ଖୋଲି ହୁଏ। ସେପଟେ ପରା ଇଞ୍ଚେ ବି ଜାଗା ନାହିଁ ଝରକା ଖୋଲିବାକୁ ଆଉ ଏପଟକୁ ମାନେ ଘର ଭିତରକୁ ଝରକା ଖୋଲିଲେ ତାଙ୍କର ମାନେ ଡାହାଣ ଓ ବାମ ପଟର ପଡୋଶୀ ଯଦି ସେଇ ସିଧା ବା ଟିକେ ତୀର୍ଯ୍ୟକ ଝରକା ଖୋଲି ତା ଘର ପଟକୁ କବାଟ ଆଉଜେଇ ବା ଖୋଲା ରଖିଥାଏ ତ କଥା ସଇଲା। ଏପଟର ସୋରିଷ ଫୁଟଣ ସେପଟକୁ ବାସିବ ଓ ପ୍ରସରି ଯିବ ସାରା ଗାଁକୁ। ପୁଣି ଗାଁରୁ ସହରକୁ। ଖାଲି କଣ ସେତିକି ଦି ପଟର ପଡୋଶୀଙ୍କର ଯଦି ବଢ଼ିଲା ପୁଅ ଝିଅ ଅଛନ୍ତି ତ କଥା ସରିଲା ଜାଣ। ପୁଅ ପଟ ଘରେ ନିଶ୍ଚୟ ନବଗ୍ରହକୂଟ କପଟ ଗୋଟି ଚାଳନା କରିବେ ଏମିତି ତ ସେପଟ ପଡୋଶୀର ଝିଅ ଏପଟକୁ ବୋହୁ ହୋଇ ଆସିବ ନହେଲେ ତ କୋର୍ଟ କଚେରୀ ମାମଲା ଲାଗିରହି ଜୀବନ ବରବାଦ ହେଲା ଜାଣ। ଏତିକି କଣ! ଆହୁରି କେତେ କଥାର ନଥା ଅଛି। ତେଣୁ ଝରକା ଆଜି ଘରେ ଗୋଟେ ଦିଟା ବା କାଁ ଭାଁ ଦେଖିବାକୁ ମିଳୁଥିବା ବେଳେ ମନଝରକା କିନ୍ତୁ ଖୋଲା। ଖାଲି କବି କି ଲେଖକଙ୍କ ପାଇଁ ନୁହେଁ ସାଧାରଣ ମଣିଷ ସଭିଏଁ ଏ ଝରକା ଦେଇ ଦେଖନ୍ତି। କଣ!ଏଇ ସ୍ମୃତି, ପ୍ରେମ, ପ୍ରଣୟ, ବିରହ, ପ୍ରତାରଣା ସବୁକିଛି। ମାହି କିନ୍ତୁ ଦେଖେ ତା ପିଲାଦିନ। ସତରେ ସେ ଯାହା ଶୁଣିଛି ତା ବୋଉ ବି କାଳେ ଏଇ ଝରକାର ଶୀକାର ହୋଇ ବାପାଙ୍କ ଘରଣୀ ସାଜିବା ପରେ ତା ନିଜ ଘର ତାର ପଡୋଶୀ ତ ପଡୋଶୀ ଏକଦମ ବାସନ୍ଦ ହୋଇଗଲା। ଜାତିର ବ୍ୟତିକ୍ରମ ଯୋଗୁଁ ସେମାନେ ଝିଅକୁ ଶୁଦ୍ଧି ହୋଇପଡିଲେ ଆଉ ବୋଉ!ଜୀବନ ଯୁଦ୍ଧରେ କୋଉପଟର ହୋଇନପାରି ବିଚାରୀ ବାପାଙ୍କ ଅଭାବୀ ସଂସାରରେ ସ୍ୱାର୍ଥ ଓ ସର୍ତ୍ତ ତ୍ୟାଗ କରି ରୋଗୀଣା ହୋଇଗଲା ବେଳେ କହେ କେବଳ ଗୋଟିଏ କଥା ମୋ ପାଇଁ ମୋ ବୋଉ ନାଲି ପାଟ କିଣି ରଖିଥିଲା କିନ୍ତୁ ତାକୁ ପିନ୍ଧିବା ମୋ ଭାଗ୍ୟରେ ନାହିଁ। ସେପଟ ପଡୋଶୀ ହୋଇ ଅଜା ଆଈ ଡାକି ପାରୁନଥିବା ବୁଢ଼ା ବୁଢ଼ୀ ଦିଟା ବାହୁଡ଼ି ଗଲା ଦିନ ବୋଉ ଢେର କାନ୍ଦିଥିଲା। ଏପଟେ ତା ଶାଶୁ ଶଶୁର ଉଲୁଗୁଣା ଦେଲେ ବି ସେ ସହିଯାଉଥିଲା ସବୁ କିଛି। ଗାଁରେ ବର୍ଷକୁ ଥରେ ଯୋଉ ଦୋଳ ମେଳଣ ବସେ ବାପା ବୋଉକୁ ନେଇ ବୁଲିବାକୁ ଗଲାବେଳେ ବୋଉ ସମ୍ବଲପୁରୀ ଷ୍ଟଲରେ ପଡ଼ିଥିବା ନାଲି ପାଟ ଆଡକୁ ଚାହିଁ ରହେ କିନ୍ତୁ କିଣି ଆଣେ ନିଜ ଶାଶୁ ଶଶୁରଙ୍କ ମନ ପସନ୍ଦର ଶାଢ଼ି ଓ ସମ୍ବଲପୁରୀ ଧୋତି।

ସରକାରୀ ଚାକିରି କରିଥିଲେ ବି ବାପାଙ୍କୁ ସଂସାର ଚଲେଇବା କଷ୍ଟ ହେଉଥିଲା। ରୋଗୀଣା ବାପା ମାଆଙ୍କ ପାଇଁ ଭାବୁ ଭାବୁ ମୋର ପାଠ ପଢ଼ା ଖର୍ଚ୍ଚ ବଢିଚାଲିଥିଲା କିନ୍ତୁ ବୋଉର ଦେହ ମଧ ଭିତରେ ଭିତରେ କେତେ ଖରାପ ହେଉଛି କେହି ବୁଝିଲେ ବି ବୋଉ କହୁଥିଲା ତାର ତ ଯନ୍ତ୍ରଣା କିଛି ନାହିଁ କାହିଁକି ଡାକ୍ତରଙ୍କ ପାଖକୁ ଯାଇ ଟଙ୍କା ଗଣିବା। ବୋଉ କିନ୍ତୁ ମୋ ପ୍ରଥମ ମାସର ଦରମା ଦେଖିବା ପୂର୍ବରୁ ଆରପାରିକୁ ବାଟ କାଟିଥିଲା। ବୋଉ ବଞ୍ଚିଥିଲା ପର୍ଯ୍ୟନ୍ତ ବନ୍ଦ ଥିବା ଝରକା କିନ୍ତୁ ଦରଆଉଜାରୁ ଏବେ ସମ୍ପୂର୍ଣ୍ଣ ଖୋଲାଥିଲା। ଖାଲି ଖୋଲା ନୁହେଁ ସମ୍ପର୍କ ଯୋଡି ହୋଇଯାଇଥିଲା। ମାମୁଁ ମାଇଁ ମାଉସୀଙ୍କ ସ୍ନେହ ଭିତରେ ମୁଁ ମୋ ବୋଉ ମୁହଁ ଖୋଜୁଥିଲି ବିକଳରେ।

ଆଜି ମାମୁଁ ଠିକ କରିଥିବା ପ୍ରସ୍ତାବର ବ୍ୟାଙ୍କ ଅଫିସର ପୁଅ ସଙ୍ଗେ ମୋର ବାହାଘର ହେଉଛି। ମୁଁ ମଧ ବ୍ୟାଙ୍କ ଚାକିରି ପାଇ ବାପାଙ୍କୁ କାନ୍ଧ ଦେଇପାରୁଛି କିନ୍ତୁ ମୋ ବୋଉ ନଥିବା ଘରେ ମାମୁଁ, ମାଇଁ, ମାଉସୀଙ୍କ ଉପସ୍ଥିତି ମତେ ଅଣନିଃଶ୍ୱାସୀ କରିପକାଉଛି କାହିଁକି। ମୋ ବାହାଘର ପାଇଁ ମାଇଁ, ମାଉସୀ ସମସ୍ତେ ଭଲ ଟ୍ରଲି ବ୍ୟାଗରେ ଭଲ ଭଲ ଜିନିଷ ଉପହାର ଦେଇଛନ୍ତି ହେଲେ ସେସବୁ ମୋର ଆଜି କିଛି ଆବଶ୍ୟକତା ନାହିଁ। ମୋର ଯାହା ଆବଶ୍ୟକ ତାହା ମୋ ବୋଉ, ତାର ଭଲପାଇବା ଓ ତା ନିଆରା ଆଶୀର୍ବାଦ ମୁଁ ଖୋଜି ପାଉନଥିବା



ବେଳେ ମାଉସୀ କହିଲେ ମନ ଦୁଃଖ କରନା ମିନା, ଦେଖିଲୁ ତୋ ପାଇଁ ଯୋଉ ନାଲି ପାଟ ଆଣିଛି କେମିତି ଲାଗୁଛି ତତେ। ମତେ ଖୁବ ଭଲ ଲାଗୁଛି ମାଉସୀ କିନ୍ତୁ ମୋର ଅଲଗା କିଛି ମାଗୁଣୀ ଥିଲା। କହ ମିନା କହ। ତୁ ଆମ ନାନୀର ଏକମାତ୍ର ଅଲିଅଳି ଝିଅ। ତୁ ଯାହା ମାଗିବୁ ମୁଁ ବା ଆମେ ଦେବୁ। ମୁଁ ସେହି ନାଲି ପାଟ ଶାଢ଼ୀଟା ଚାହେଁ ମାଉସୀ ଯୋଉଟା ଆଈ ମୋ ବୋଉ ପାଇଁ କିଣି ରଖିଥିଲେ ବି ବୋଉ ଭାଗ୍ୟରେ ନଥିଲା। ମାଉସୀ ହତ ଚକିତ ହେଲେ କହିଲେ ସେଇ ଶାଢିରେ ମୁଁ ବିଦା ହେଇଥିଲି। ଆଉ ସେଇଟା ପୁରୁଣା ହେଲାଣି ମିନା। ହଉ ପୁରୁଣା। ମତେ ସେଇଟା ଦେଇପାରିବ ମାଉସୀ। ମାଉସୀ ମିନା ଆଖିରୁ ବର୍ଷା ବାରି ପରି ଖସିପଡୁଥିବା ବରକୋଳିଆ ଟୋପା ସବୁକୁ ଆଞ୍ଜୁଳିରେ ଧରି କହୁଥିଲେ ନିଶ୍ଚୟ। ମୁଁ କହୁଥିଲି ସେଥିରେ ମୋ ବୋଉ ଅଛି ମାଉସୀ। ସେ ଶାଢ଼ି ଖଣ୍ଡକ ମୋ ପାଇଁ ସବୁଠୁ ମୂଲ୍ୟବାନ। ତାକୁହିଁ ପିନ୍ଧି ମିନା ଯେବେ ବିଦା ହେଲା ମାଉସୀ କଣ ସମସ୍ତେ ଅନୁଭବ କରିଥିଲେ ଏଘରର ଝରକା ସେଇଦିନୁ ଖୋଲା ରଖିଥିଲେ କ୍ଷତି କଣ ହୋଇଥାନ୍ତା!



ସାକ୍ଷୀଗୋପାଳ
ପୁରୀ, ମୋ-୯୦୪୦୯୭୭୩୨୭

## ଭାବରେ ଭଗବାନ-ଭକ୍ତ ରସଖାନ

କୁନଲତା ତ୍ରିପାଠୀ

ପାନବାଲାଟିଏ ଦୋକାନରେ ବସି ପାନ ବିକୁଥିଲା । ଜଣେ ଲୋକ ପାନ କିଣିବାକୁ ତା ପାଖକୁ ଆସିଲା । ପାନ କିଣୁ କିଣୁ ଦୋକାନରେ ଟଙ୍ଗା ହୋଇଥିବା ଫଟୋଟି ଉପରେ ଲୋକଟିର ନଜର ପଡିଗଲା । ସେ ଫଟୋରେ ଥିବା ଛବିଟି ତାକୁ ବହୁତ ସୁନ୍ଦର ଲାଗିଲା । ନିରେଖି ଦେଖିଲା ସେ । ପିଲାଟି ଭାରି କୋମଳ । ତା ଶରୀର ଶ୍ୟାମଳ ବର୍ଣ୍ଣ । କମନନୀୟ ତାର ମୁଖମଣ୍ଡଳ । ବେକରେ ବନମାଳ। ମୁଣ୍ଡରେ କୁଞ୍ଚୁକୁଞ୍ଚିଆ ଘନ କଳା କେଶ । ଶିରରେ ମୁକୁଟ ପୁଣି ମୟୂରପୁଚ୍ଛ । ମଥାରେ ଚନ୍ଦନ ଟିପା । ଅପୂର୍ବ ଠାଣୀରେ ଅଧରରେ ମଧୁର ବଂଶିଟିଏ ରଖି ବଜାଉଛି ସେ । ହଳଦିଆ ବସ୍ତ୍ର ଏବଂ କଟିମେଖଳା। ପିଲାଟିକୁ ଖୁବ୍ ମାନୁଛି । କାନରେ କୁଣ୍ଡଳ, ହାତରେ କଙ୍କଣ ଇତ୍ୟାଦି ଅଳଙ୍କାରମାନ ପିନ୍ଧିଛି ସେ । ପିଲାଟିର ପ୍ରତିଟି ଅଙ୍ଗକୁ ଭଲଭାବରେ ନିରେଖି ଦେଖୁଛି ଲୋକଟି । ତା ଭିତର, ଖୁସିରେ ପୁଲକିତ ହୋଇଉଠୁଛି । ଆଖି ପଡିଗଲା କୌତୁକିଆ ନୂପୁର ପିନ୍ଧା ପାଦ ଦୁଇଟି ଉପରେ । ମାତ୍ର ଏ କଣ ଦେଖୁଚି ସେ ? ପିଲାଟିର ପାଦ ଦୁଇଟିରେ ଚପଲ ହଳେ ନାହିଁ । କେମିତିକା କଥା । ପଥୁରିଆ ଆବଡା ଖାବଡା ରାସ୍ତାରେ ଖାଲି ପାଦରେ ଚାଲିଲେ ପିଲାଟିର କୋମଳ ପାଦରେ ନିଶ୍ଚିତ କଣ୍ଟା ଫୁଟିଯାଉଥିବ । ସୁନ୍ଦର ପାଦ ଦୁଇଟିରୁ ଝରିପଡୁଥିବ ରକ୍ତ । ଭାବିଲା ବେଳକୁ ସହି ହଉନି । ଲୋକଟି ବଡ ବ୍ୟସ୍ତ ବିବ୍ରତ ହୋଇ ପାନବାଲାକୁ ପଚାରିବସିଲା –

"ଭାଇ, କେହିହେଲେ ଏ ଶିଶୁଟିକୁ ଚପଲ ହଳେ ପିନ୍ଧାଇ ପାରୁନାହାନ୍ତି ? ଏମିତି ଖାଲି ପାଦରେ ଚାଲ ବୁଲୁ କଲେ ପିଲାଟିର କୋମଳ ପାଦ ଦୁଇଟି ଖଣ୍ଡିଆ ଖାବରା ହୋଇ କେତେ କଷ୍ଟ ନଲାଗୁଥିବ ତାକୁ ?''

ପାନବାଲାଟି ହସିଉଠି କହିଲା – " ଭାଇ ତୁମକୁ ଯେବେ ପିଲାଟିର ଖାଲି ପାଦ ଦେଖି ଏତେ ଦୟା ଲାଗୁଚି , ମନକୁ କଷ୍ଟ ହେଉଛି ତୁମେ ତାକୁ ଚପଲ ହଳେ ପିନ୍ଧାଇ ଦେଉନ କାହିଁକି ? କିଏ କଅଣ ମନା କରୁଛି ତୁମକୁ । ''

ଦିନେ ସେହି ଲୋକଟି ପୁଣି ପାନବାଲା ପାଖରେ ପହଞ୍ଚିଲା । ହାତରେ ସୁନ୍ଦର କୁଟ –କମନିୟ ଚପଲ ହଳେ । କହିଲା – 'ଭାଇ ମୁଁ ଚପଲ ହଳେ ଆଣିଛି ପିଲାଟିକୁ ପିନ୍ଧାଇଦେବା ପାଇଁ । ଏବେ ସେ କେଉଁଠି ଅଛି କୁହତ ?''

ସତ ସତିକା ଲୋକଟି ହାତରେ ଚପଲ ହଳେ ଦେଖି ପାନଦୋକାନିଟି ଘାବରେଇ ଗଲା । କହିଲା –'ଭାଇ କଅଣ କହିବି ଏତେ ନଟଖଟ ଏ ଟୋକା ଯେ କହିବାର ନାହିଁ । ଥୟ ହୋଇ କେଉଁଠି ରହିବା ତା ଜାତକରେ ଲେଖା ନାହିଁ । ସେଇ ଖାଲି ପାଦରେ ବ୍ରହ୍ମାଣ୍ଡ ବୁଲିଆସିଲା ବାଲା ଏ । ନାମଟି ଯାର 'ଶ୍ୟାମସୁନ୍ଦର' । ଦେଖ, ପଚାରି ବୁଝ, ଆଉ କେଉଁଠି ମିଳିଯାଇପାରେ ।'

ଲୋକଟି ସେମିତି ଚପଲ ହଳକ ଧରି ଆଖ ପାଖ ରାସ୍ତା –ଘାଟରେ ଯେଉଁଠି ଯାହାକୁ ଦେଖିଲା ସେଇ ପିଲାଟି କଥା ପଚାରିବସିଲା । 'ବତାଦୋ କାହାଁ ମିଲେଗା ଶ୍ୟାମ" ? କେହିହେଲେ ତାକୁ ପିଲାଟିର ସଠିକ୍ ଠିକଣା ବତାଇ ପାରୁ ନଥାନ୍ତି । ବରଂ ବାଟ କାଟି ପଳାଉଥାଆନ୍ତି ସମସ୍ତେ । ବିଚରା କରିବ କଅଣ ? ପିଲାଟି ତ ତା ମନ ଭିତରେ ବସା ବାନ୍ଧି ରହିଛି । ତା କୋମଳ ପାଦକୁ ସୁରକ୍ଷା ଦେବାକୁ ତାକୁ ଚପଲ ହଳେ ନ ପିନ୍ଧାଇବା ଯାଏ ଲୋକଟି ମନରେ ଶାନ୍ତି ନାହିଁ । ନିଜକୁ ଆଉ ଫୁରୁସତ୍ ଦେଉନି ସେ । ବିକଳ ହୋଇ ପାଗଳ ପ୍ରାୟ ଏଣେ ତେଣେ ପିଲାଟିକୁ ଖୋଜି ବୁଲିବା ହିଁ ସାର ହେଉଛି କେବଳ ତାପାଇଁ।

ଭଗବାନ ତ ଭାବର ଭୋକା । ଲୋକଟିର ଭାବକୁ ଘେନି ସାଧାରଣ ବେଶରେ ତା ପାଖରେ ପହଞ୍ଚିଲେ ସେ। ସଂଗେ ସଂଗେ ଲୋକଟି ସେଇ ପିଲାର ନାମ ଶ୍ୟାମସୁନ୍ଦର କହି, ତାର ରୂପ ବର୍ଣ୍ଣନା କରି କେଉଁଠି ମିଳିପାରିବ ସେ ବୋଲି ପଚାରି ବସିଲା । ଭଗବାନ କହିଲେ – 'ଓଃ ବାପରେ ବାପ – ଏ ପିଲାକୁ ତ ମୁଁ ଭଲ ଭାବରେ ଜାଣିଛି । ନାମଟି କେବଳ ଶ୍ୟାମସୁନ୍ଦର ନୁହେଁ , ଯାର୍ ତ ଅନେକ ନାମ । ବାଙ୍କବିହାରୀ ନାମରେ ବ୍ରଜଧାମରେ ସମସ୍ତେ ଜାଣନ୍ତି ଯାକୁ । ଆପଣ ବୃନ୍ଦାବନ ଯାତ୍ରା କରନ୍ତୁ। ସେଠାରେ ସହଜରେ ଏ ପିଲା ଆପଣଙ୍କୁ ମିଳିଯିବ ।'' ଲୋକଟି କହିଲା –

"ଆପଣ ସତ କହୁଛନ୍ତି । ଏ ପିଲା ମତେ ବ୍ରଜଧାମରେ ମିଳିଯିବ ।"

ଭଗବାନ କହିଲେ –

"ନିଶ୍ଚିତ ,ଏ ପିଲାର ଭେଟ ମିଳିଯିବ ସେଠି ।''

ଲୋକଟି ଭାବ ଓ ବିଶ୍ୱାସର ସହିତ ବୃନ୍ଦାବନ ପର୍ଯ୍ୟନ୍ତ ଚାଲି ଚାଲି ଗଲା । ପଚାରି ପଚାରି ବାଙ୍କବିହାରୀ ମନ୍ଦିର ନିକଟରେ ପହଞ୍ଚିଲା । ଶ୍ୟାମସୁନ୍ଦରକୁ



ମନ୍ଦିର ଭିତରେ ଭେଟି ପାରିବ ବୋଲି ଦୃଢ଼ ନିଶ୍ଚିତ ହୋଇ ଯେତେବେଳେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଗଲା ବାହାରେ ପୂଜକ ତାଙ୍କୁ ଅନୁମତି ଦେଲେ ନାହିଁ । କାରଣ ଲୋକଟିର ବେଶ ପୋଷାକରୁ ସେ ଏକ ଅନ୍ୟ ଧର୍ମର ବ୍ୟକ୍ତି ବୋଲି ଜଣାପଡୁଥିଲ।। ଲୋକଟି ମନ୍ଦିରର ବାରଣ୍ଡାରେ ଅପେକ୍ଷା କଲା । ଭାବିଲା – ଶ୍ୟାମ ଯେତେବେଳେ ହେଲେ ନିଶ୍ଚିତ ଘରୁ ବାହାରକୁ ବାହାରିବ କାରଣ ସେ ତ ବଡ ନଟଖଟ ପିଲା, କେତେ ସମୟ ଏମିତି ଘର ଭିତରଟାରେ ପଶି ରହିଥିବ। ମାତ୍ର ସକାଳୁ ସଂଜ ହେଲା, ପିଲାଟିର ଦେଖା ମିଳିଲା ନାହିଁ । ଲୋକଟି ସେମିତି ଅଖିଆ ଅପିଆ ଶ୍ୟାମକୁ ଅପେକ୍ଷା କରି ବସିଛି ତ ବସିଛି । ସଂଜବୁଡ଼ି ରାତି ହେଲା । ରାତି ପାହି ସିନ୍ଦୁରା ଫାଟିଲା । ଶୁଭିଲା ନୂପୁର ଶବ୍ଦ। ଶ୍ୟାମସୁନ୍ଦର ଆସିଗଲା ବୋଲି ଚମକି ଚାହିଁ ଉଠି ଛିଡାହୋଇ ପଡିଲା ଲୋକଟି। ଚାରିଆଡେ ନଜର ବୁଲାଇ ଆଣିଲା ସେ । କାହିଁ ନାହିଁ ତ ଦିଶୁନି ଶ୍ୟାମ। ମନମାରି ବସିପଡିଲା ବେଳକୁ ପାଖରେ ବସିଛି ସେଇ ନଟ ଖଟ ପିଲା। କୋଳେଇ ଆଣିଲା ଲୋକଟି ତାକୁ । ମନଭରି ଗେହ୍ଲା କରିପକାଇଲା । କହିଲା – 'ଚପଲ ହଳକ ପିନ୍ଧାଇଦେବି ବୋଲି କେତେ ଖୋଜିଲିଣି ତତେ କହିଲୁ ? ଦେଖା ପାଦଦୁଇଟା ଦେଖା କହି ଟେକି ଧରିଲା ପାଦ ଦୁଇଟି । ଏ କଣ ? ଖାଲି ପାଦରେ କଣ୍ଟା ଫୁଟି ଝରିପଡୁଛି ରକ୍ତ ଛିଟା । କାନ୍ଦି ପକାଇଲା ଲୋକଟି । ପୋଛି ପକାଉଛି ରକ୍ତ । ମନା ମାନୁନି ଲୋତକର ଧାରା । ଏମିତି ଖାଲି ପାଦରେ କାହିଁକିଭଲା ଚାଲୁଛି ଶ୍ୟାମ । ଆଗରୁ ଦେଖା ହୋଇଥିଲେ ଚପଲ ହଳେ ପିନ୍ଧାଇ ସାରାନ୍ତାଣି ଶ୍ୟାମକୁ କେବେଠାରୁ ବୋଲି ମନେ ମନେ ଭାବୁଛି ଲୋକଟି ।

ଭଗବାନ ତ ଅନ୍ତର୍ଯ୍ୟାମି। ଲୋକଟିର ମନ କଥାକୁ ଜାଣି କହିଲେ – ' ମୁଁ ଗୋକୁଳରେ ଥିଲି -ତୁମ ପାଇଁ ଗୋକୁଳରୁ ଏପର୍ଯ୍ୟନ୍ତ ମତେ ଚାଲି ଚାଲି ଆସିବାକୁ ପଡିଲା , କାରଣ ତୁମ ହାତରେ ତୁମେ ମତେ ଚପଲ ହଳକ ପିନ୍ଧାଇ ଦେବ ବୋଲି ' । ତା କୋଳରେ ଥାଇ ପାଦଦୁଇଟି ହଲାଇ ଦେଲେ ସେ। ଲୋକଟି ବଡ ଆଗ୍ରହର ସହିତ ପିନ୍ଧାଇ ପକାଇଲା ଚପଲ ହଳକ ଅତି ଯତ୍ନର ସହିତ । ଲୋକଟିର ଖୁସି କହିଲେ ନସରେ । ଭଗବାନ କହିଲେ– "ମୋର ପ୍ରକୃତରେ କିଛି ରୂପ ନଥାଏ। ମତେ ଯିଏ ଯେଉଁଭାବରେ ଡାକେ ତା ନିଷ୍ଠାରେ ମୁଁ ତା ପ୍ରତି ସେଇ ଭାବ ରଖିଥାଏ। ଭକ୍ତର ଭାବକୁ ଘେନି ତା ଖୁସି ପାଇଁ ମତେ ରୂପଟିଏ ନେବାକୁ ପଡେ । ତୁମ ଭାବକୁ ଘେନି ମୁଁ ଆଜି ଶ୍ୟାମସୁନ୍ଦର। ମୋ ଖାଲି ପାଦକୁ ଦେଖି ତୁମେ ବ୍ୟଥା ପାଇଲ ମୁଁ ତୁମ ବ୍ୟଥାରେ ବ୍ୟଥିତ ହୋଇ କଣ୍ଟା ଉପରେ ଚାଲି ଚାଲି ଖଣ୍ଡିଆ ଖାବରା ହେଲି । ସ୍ଥାନ, କାଳ , ପାତ୍ର , ଧର୍ମ ବର୍ଣ୍ଣ ଏବଂ ଜାତି ଇତ୍ୟାଦି ଉର୍ଦ୍ଧ୍ୱରେ ଥାଇ ଭାବ, ଭକ୍ତି ଓ ବିଶ୍ୱାସକୁ ଗ୍ରହଣ କରେ ମୁଁ ।"

ଲୋକଟି ଆଶ୍ଚର୍ଯ୍ୟ ହେଲା । ଏ ଶ୍ୟାମ ଯେ ସ୍ୱୟଂ ଭଗବାନ ବୋଲି ତାର ହୃଦବୋଧ ହେଲା । ସେବେଠାରୁ ସେ ବ୍ରଜମଣ୍ଡଳରେ ଶ୍ୟାମସୁନ୍ଦରଙ୍କ ରସକୁ ବିତରଣ କରି ଚାଲିଲା । ଅନେକ ଭକ୍ତିରସାତ୍ମକ ପୁସ୍ତକ ରଚନା କରି କ୍ରିଷ୍ଣ ରସର ଏକ ମନ୍ଦାକିନୀ ଝରାଇ ଦେଲା । ସେ ଭକ୍ତି ରସରେ ଭିଜି ସମସ୍ତେ ଶୀତଳତା ଅନୁଭବ କଲେ ।

ଲୋକଟି ଜଣେ ମହମଦିଆନ ଥିଲେ । ସେ ଦିଲ୍ଲୀର ବାସିନ୍ଦା । ତାଙ୍କ ନାମ ଥିଲା ଇବ୍ରାହିମ୍ ଖାନ୍ । ସେ କୃଷ୍ଣ ରସକୁ ଏମିତି ବର୍ଷା କରି ନିଜେ ଭିଜି ଅନ୍ୟମାନଙ୍କୁ ଭିଜାଇଦେଉଥିଲେ ଯେ ତାଙ୍କ ନାମ ଇବ୍ରାହିମ୍ ଖାନ୍‌ରୁ ଭକ୍ତ ରସଖାନ୍ ହୋଇଯାଇ ଥିଲା।

ପ୍ରକୃତରେ ଭାବରେ ହିଁ ଭଗବାନ ଥାଆନ୍ତି। ଆମ ମଣିଷ ଗଢା ବନ୍ଧ ବାଡରେ ଭଗବାନ ଆବଧ ନଥାନ୍ତି । ଆବାହମାନ କାଳରୁ ଅନେକ ଧର୍ମ, ତାର ଅନେକ ଶାଖା–ପ୍ରଶାଖା ଗଢି ଉଠୁଚି ପୁଣି ବିସ୍ମୃତିର ଗର୍ଭରେ ଲୀନ ହୋଇ ଯାଉଛି । ସୀମିତ ଜୀବନ କାଳ ମଧ୍ୟରେ କିଏ ବା ରଖିପାରିଚି ତାର ହିସାବ । ଆମ ଭେଦ ଭାବ ସବୁର ଉର୍ଦ୍ଧ୍ୱରେ ଭଗବାନ ରହି ତାଙ୍କ ସୃଷ୍ଟିର ରକ୍ଷା ପାଇଁ ଯୋଗାଇ ଦିଅନ୍ତି ପାଣି, ପବନ, ମାଟି, ଅଗ୍ନି ଏବଂ ଶୂନ୍ୟର ଅଦୃଶ୍ୟ ଆସ୍ତରଣ । ସେଇ ଅନନ୍ତ ଶକ୍ତିର ଅଧିକାରୀ ଆମ ହୃଦୟରେ ରହି ଆମ ଚିନ୍ତା ଚେତନାକୁ ପରଖନ୍ତି । ମନ ଯେତେବେଳେ ନିର୍ମଳ ହୁଏ, ଭକ୍ତର ଭାବକୁ ଘେନି ସେ ଅରୂପ ସ୍ୱରୂପଟିଏ ଗ୍ରହଣ କରି ଆନନ୍ଦ ବିତରଣ କରନ୍ତି । ଆମ ଭିତରର ସଭାବନା ହିଁ ତ ଭଗବାନ। ସେଇ ସଭାବନା ସବୁବେଳେ ଏ ଜଗତର ହିତ ସାଧନରେ ମାର୍ଗଦର୍ଶକ ହୁଏ । ଭଗବାନ କଅଣ ଦେଖିଥିଲେ ଇବ୍ରାହିମ୍ କେଉଁ ଧର୍ମର, କେଉଁ ଜାତିର । ସେ ତା ଭାବରେ ପ୍ରକଟିତ ହେଲେ । ଏବେ ଭକ୍ତ ରସଖାନଙ୍କ ସମାଧି ପୀଠ ବ୍ରଜମଣ୍ଡଳରେ ରହି ସାରା ସଂସାରକୁ ଏହି ଶିକ୍ଷା ଦେଉଛି। ଏହାର ମୂଳରେ ମାନବବାଦର ହିଁ ଜୟଗାନ ହେଉଛି ।

କଟକ
ମୋ-ନଂ ୮୩୩୯୦୫୧୧୭୩

## ପାନ ବଟୁଆ

ମନୋରଞ୍ଜନ ଦାଶ (ଟୁକୁ)

ବସରୁ ଗାଁ ମୁଣ୍ଡରେ ଓହ୍ଲେଇଲି, ଉଦୁଉଦିଆ ଖରା। ବାଟରେ କୁଆ କୋଇଲିଟିଏ ନାହାନ୍ତି। କଣ ଗୋଟେ ରାସ୍ତା ମଝିରେ ପଡ଼ିଛି, ଦିଇଟା ବୁଲା କୁକୁର ତାକୁ କାମୁଡିକି ଧରିଛନ୍ତି। ଯା ଯା , ମୁଁ ଚିତ୍କାର କଲି । କୁକୁର ଦିଇଟା ପଳେଇଲେ। ଆହାରେ, ହତଭାଗା ଗୁଡାକ ଆମ ଅଜାଙ୍କ ପାନ ବଟୁଆଟିକୁ କାମୁଡି କାମୁଡି ନିର୍ଜୀବ କରିସାରିଲେଣି । ଉଠେଇବାକୁ ହାତ ବଢ଼େଇଲି, ତା ପରେ ଭାବିଲି ଆଉ କଣ ନେଇକି ଲାଭ, ଆମ ଘର ଆଟୁରେ ତ ବର୍ଷ ବର୍ଷ ଧରି ପଡି କଳଙ୍କି ଧରି ସାରିଲାଣି। ପାନ ବଟୁଆ... କେତେ ତାର ଇତିହାସ। କିଏ କହେ ମୋଗଲମାନେ ତାର ପ୍ରଚଳନ କରିଥିଲେ, ଆଉ କିଏ କହେ ପାର୍ସି ସୁନ୍ଦରୀ ତାକୁ ପାଖରେ ରଖି ସୁଲତାନମାନଙ୍କୁ ପାନ ଖୁଆଇ ଦେଉଥିଲା, ନବାବମାନେ ଖୁସି ହେଇ, ପାର୍ସି ସୁନ୍ଦରୀଙ୍କୁ ଗେଲ କରି ତାଙ୍କୁ ସୁନାର ଅଶର୍ଫି ଦେଉଥିଲେ। ବିଚରା ପାନ ବଟୁଆ ... ଶହେ ବର୍ଷ ତଳେ କଣ ଥିଲା, ଆଜି କଣ ଅଛି। ଆଜି ମାଗଣାରେ ଦେଲେ ବି କେହି ନେବେନି ....

ଭାବୁ ଭାବୁ ଘରେ ପହଞ୍ଚିଗଲି, ବୋଉ ତା ପଣତରେ ମୋ ମୁହଁ ଝାଳ ପୋଛିଦେଲା। ଆରେ ... ଆରେ... ଟୁକୁନା ତୋ ଆଖିରେ କଣ ଲୁହ ? ନାଇ ମ ବୋଉ ... ମୁଁ ଆଖି ଲୁଚେଇ କହିଲି ... ରାସ୍ତାରେ ଅଜାଙ୍କ ପାନ ବଟୁଆଟା କୁକୁର ମାନେ ଝୁଣୁଥିଲେ ଦେଖି, ମୋ ମନ ବହୁତ୍ ଦୁଃଖ ହେଇଗଲା। ବୋଉ ତା ଆଖିରୁ ଲୁହ ପୋଛି ପୋଛି କହିଲା, ବାପାରେ ମୁଁ ବି ଦିନେ ସେଇ 'ପାନ ବଟୁଆ' ଭଳି ହେଇଯିବି ରେ ... ମୋତେ ତମେ ମାନେ ଆଉ ରାସ୍ତାରେ ପକେଇ ଦେବନି । ମୁଁ ବୋଉକୁ କୁଣ୍ଢେଇ କାନ୍ଦି ପକେଇଲି। କହିଲି ... ତୁ ସବୁବେଳେ ମୋ ପାଖରେ ଅଛୁ, ରହିବୁ ।

## ପ୍ରକୃତ ବନ୍ଧୁ

ପ୍ରଣୀତା ମିଶ୍ର

ଡ଼ାକ୍ତରଖାନାର ୪ନମ୍ବର ଶଯ୍ୟାରେ ବିଛଣାରେ ପଡି ରହିଛି ବିକାଶ। ଉଠିବା ପାଇଁ ଶକ୍ତି ନାହିଁ। ଗୋଟାଏ ରେଳ ବଗି ଚଢ଼ିଲା ବେଳେ ଅସାବଧାନତା ବଶତଃ ଖସି ପଡି ଗୋଟିଏ ଗୋଡ ହରାଇଛି ସେ। ଜୀବନ କିନ୍ତୁ ବଞ୍ଚି ଯାଇଛି। ଗୋଡ଼ରେ ଅସ୍ତ୍ରୋପଚାର ହୋଇ ବନ୍ଧା ହୋଇଛି। ଆଉ ଦୁଇଦିନ ପରେ ଖୋଲିବ । ଦେହରେ ଅସହ୍ୟ ଯନ୍ତ୍ରଣା। ମରିଯାଇଥାନ୍ତା ହେଲେ, କାହିଁକି ଭଗବାନ ତାକୁ ବଞ୍ଚେଇ ରଖିଲେ । ଏମିତି ପଙ୍ଗୁ ଅବସ୍ଥାରେ ସେ କାହାର କ'ଣ କାମରେ ଆସିବ ?

ଆଖିରୁ ଲୁହଧାର ବହି ଯାଉଥାଏ ବିକାଶର। କ'ଣ ହେବ ତା'ର ଭବିଷ୍ୟତ ? କେମିତି ଚଳିବ ସେ ? ପାଠ ପଢାପରେ ସହରରେ ରହି ଚାକିରି ପାଇଁ ପଢ଼ାପଢ଼ି କରୁଥିଲା ସେ। ଏବେ କ'ଣ କରିବ ? ସେଦିନ ଗୋଟାଏ ପରୀକ୍ଷା ଦେବାପାଇଁ ସମ୍ବଲପୁରରୁ ଭୁବନେଶ୍ୱର ଆସୁଥିଲା । ଟ୍ରେନ ଛାଡିବା ସମୟ ହୋଇଯାଇଥିଲା। ଗହଳିରେ ପଶିଗଲା ବେଳକୁ କାହାର ଧକ୍କାରେ ତଳକୁ ଖସିପଡିଲା। ସାଙ୍ଗେ ସାଙ୍ଗେ ଟ୍ରେନ ଚାଲିବା ଆରମ୍ଭ କଲା। ଜଣେ କେହି ଚେନ ଟାଣି ଦେବାରୁ ଜୀବନ ବଞ୍ଚିଗଲା। ସେଇଠୁ ସାଙ୍ଗେ ସାଙ୍ଗେ ଡାକ୍ତରଖାନା, ନଚେତ୍ ବଞ୍ଚିବା ମୁସ୍କିଲ ଥିଲା।

ଖବର ପାଇ ବାପା, ବୋଉ, ଦାଦା, ଖୁଡୀ ସବୁ ଆସିଛନ୍ତି। ସମସ୍ତଙ୍କ ଆଖିରେ ଲୁହର ବନ୍ୟା। କେତେ ସାଙ୍ଗ ସାଥି ବି ଆସି ଦେଖାକରି ସାନ୍ତ୍ୱନା ଦେଇଗଲେଣି। କିନ୍ତୁ ତା' ଆଖି ଖୋଜୁଛି ଅମିତକୁ, ଯିଏ ଦିନେ ତା'ର ବହୁତ ଅନ୍ତରଙ୍ଗ ଥିଲା। ଛାଡ, ଏବେ ସେସବୁ ଅତୀତ। କିନ୍ତୁ ସ୍ମୃତି କ'ଣ କେବେ ଭୁଲିହୁଏ ? ଭୁଲିବାକୁ ଚେଷ୍ଟା କଲେ ସେ ଆହୁରି ଆହୁରି ମନ ଭିତରକୁ ଧସେଇ ପଶିବାକୁ ଚେଷ୍ଟା କରେ, ବେଶୀ ବେଶୀ ମନେ ପଡେ । ଅମିତ କ'ଣ ଏ ଖବର ଜାଣିନି ? ଏମିତି ଭାବନା ଭିତରେ କେତେବେଳେ ଶୋଇ ପଡ଼ିଛି ସେ ।

ସେବିକାଙ୍କ ଡାକରେ ଆଖି ଖୋଲିଲା ସେ।

'ଦେଖିଲ କିଏ ଆସିଛନ୍ତି ' ଆଖି ଖୋଲି ଚାହିଁଲା ବିକାଶ। ସତରେ କ'ଣ ଅମିତ ଆସିଛି, ଆଖିକୁ ବିଶ୍ୱାସ କରିପାରୁନି ସେ । ତା ହାତକୁ ଜାବୁଡ଼ି ଧରି ଭୋ ଭୋ କାନ୍ଦି ଉଠିଲା। 'ସତରେ ତୁ ଆସିଛୁ ଅମିତ ? ତୋତେ ଦେଖି ପାରିବି ବୋଲି ମୋର ଆଉ ବିଶ୍ୱାସ ନ ଥିଲା'। ବିକାଶ ପାଟିରେ ନିଜ ହାତ ରଖି ଅମିତ କହିଲା 'ମନେ ଅଛି, ଆମର ଶେଷ ଦେଖା କେବେ ହୋଇଥିଲା ? ତାରିଖ, ମାସ, ଦିନ କିଛି ମନେ ଅଛି ତୋର ? ନଭେମ୍ବର ଚାରି ତାରିଖ ସୋମବାର ସକାଳ!' ବିକାଶର ଆଖି ଲୋତକାପ୍ଲୁତ।' ମୋତେ କ୍ଷମା କରିଦେ ଅମିତ। ମୁଁ ଦୋଷ କରିଛି। ତୋ ମନରେ କଷ୍ଟ ଦେଇଛି। ' ।'ସେମିତି କହନି ରେ ସାଙ୍ଗ ?ତୁ ଜାଣିଛୁ, ମୋ ଘରର କ୍ୟାଲେଣ୍ଡର ସେଇ ଦିନଠୁ ମୁଁ ବଦଳେଇ ନାହିଁ। ଆଜି ବି ମୋ ଦିନ ସବୁ ସେଇଠୁ ଆରମ୍ଭ ହୋଇ ସେଇଠି ଶେଷ ହେଉଛି! ଆଉ ତୁ କହୁଚୁ ମୁଁ ତତେ ଭୁଲି ସାରିଛି!! ତୁ ପରା ମୋ ଆତ୍ମା, ତୋତେ କେମିତି ଭୁଲିପାରିବି। ପଛକଥା ସବୁ ଭୁଲିଯା ବିକାଶ। ସେଦିନ ଗୋଟିଏ ଖରାପ ସମୟ ଥିଲା, ମୁଁ ତୋ ମନରେ ଏତେ ବଡ ଆଘାତ ଦେଲି , ଛୋଟଲୋକ ବୋଲି କହି । ତୁ ବି ମୋତେ ଫୋନରେ ଅଗ୍ରାହ୍ୟ କରିଦେଲୁ। ଏବେ ଛାଡ ସେସବୁ। ତୁ ଭଲ ହୋଇଯିବା ପରେ ଆମେ ମିଶି ପଢ଼ାପଢ଼ି କରିବା ଏବଂ ନିଶ୍ଚୟ ସଫଳ ହେବା।'।

ବିକାଶ ମନ୍ତ୍ରମୁଗ୍ଧ ପରି ଚାହିଁ ରହିଥିଲା ଅମିତର ମୁହଁକୁ ଏବଂ ଧୀରେ ଧୀରେ ଭୁଲିଯାଉଥିଲା ନିଜର ଯନ୍ତ୍ରଣା ।

ଭୁବନେଶ୍ୱର

## ଭାବନା



ସତ୍ୟନାରାୟଣ ପ୍ରଧାନ

ସ୍ୱାମୀ ଜଣଙ୍କ ପରିବାରରୁ ଆରମ୍ଭ କରି ଆଖ ପାଖ ସାହି ପଡିଶା ବନ୍ଧୁ ବାନ୍ଧବ ଯାଏ ସମସ୍ତଙ୍କ ଠାରୁ ନିଜ ଧର୍ମପତ୍ନୀଙ୍କ ଘର ସମ୍ଭାଳିବାର କୌଶଳ ବିଷୟରେ ପ୍ରଶଂସା ଶୁଣି ଗୋଟେ ବଡ଼ ବୋହୂ ହେବାର ଗୁଣ ଭରି ରହିଛି ଲକ୍ଷ୍ୟ କଲେ । ବୋହୂ ହୋଇ ଆସିବା ଦିନ ଠାରୁ ପରିବାରକୁ ଆଗକୁ କିପରି ଭାବେ ତୁଲାଇ ପାରିବେ ସେ ଦକ୍ଷତା ସମୟ ପରିବେଶ ପରିସ୍ଥିତିକୁ ଆଖି ଆଗରେ ରଖି ଅନୁମାନ କରିବାରେ ତାଙ୍କୁ ବିଶେଷ ଅସୁବିଧା ହେବାର ଆଶଙ୍କା ପରିଲକ୍ଷିତ ହେଉ ନ ଥିଲା ।

ଧର୍ମପତ୍ନୀ ଜଣଙ୍କ ସ୍ୱାମୀଙ୍କୁ ନିଜର ପାରିବା ପଣିଆ ଦର୍ଶାଇ ବେଶ ଖୁସି ଅନୁଭବ କରି ଘରର ଭଲ ମନ୍ଦ ଖବର ବୁଝିବାରେ ବ୍ୟସ୍ତ ହେବା ଥିଲା ଗୋଟେ ନିତିଦିନିଆ ଅଭ୍ୟାସ । ଏ ସବୁ ବୁଝିବା ଭିତରେ ଗୋଟେ ସ୍ତ୍ରୀ ହିସାବରେ ନିଜ ସ୍ୱାମୀଙ୍କ ପ୍ରତି ଥିବା ଦାୟିତ୍ୱ ଓ କର୍ତ୍ତବ୍ୟରେ ଅବହେଳା ହେବାକୁ ଲାଗିଲା । ସ୍ୱାମୀ ପରିବାର ଭିତରେ ଜଣେ ସଦସ୍ୟ ଥିବାରୁ ତାଙ୍କୁ ମୁହଁ ଖୋଲି କିଛି କହିବା ସମ୍ଭବ ନ ଥିଲା ।

ଧର୍ମପତ୍ନୀ ଜଣଙ୍କ ଦିନ ଭିତରେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଖ୍ୟାଦପେୟ ଗ୍ରହଣ କରିବାରେ ଅସାବଧାନତା ଯୋଗୁଁ ଦେହରେ ଗରମ ପେଜ ଢାଳି ହୋଇଗଲା । ପରିବାର ଲୋକ ଡେରି ନ କରି ପୁଅକୁ ଡାକ୍ତରଖାନା ନେଇ ଯିବାକୁ ପରାମର୍ଶ କଲେ । ସେ ଡାକ୍ତର ଦେଖାଇ ବିଶ୍ରାମ ନେବା ସହ ଔଷଧ ଖାଇବାକୁ ପଡିବ ପରାମର୍ଶ ଦେଇଥିଲେ ।

ସମସ୍ତେ ପୁଅକୁ ବିଲ ବାଡି କାମ ଧନ୍ଦା ଛାଡ଼ି ତାର ଯତ୍ନ ନେବା ସହ ଠିକ୍ ସମୟରେ ଔଷଧ ଖାଇବାକୁ ଦେବାକୁ ଯେପରି ଭୁଲି ନ ଯାଏ ତାର ମନେ ପକାଇ ଦେଇଥିଲେ । ଦିନକୁ ଦିନ ସେମାନଙ୍କ ସଂପର୍କରେ ଆତ୍ମୀୟତା ବଢ଼ି ଚାଲିଥିବା ବେଳେ ରାଗ ଅଭିମାନ କୁଆଡେ ଚାଲି ଯାଇଥିଲା । ସ୍ୱାମୀ ଜଣଙ୍କ ସ୍ତ୍ରୀକୁ ସବୁବେଳେ ପାଖରେ ପାଇ ଢେର୍ ସମୟ ମନଖୋଲି କଥା ହେବାର ସୁଯୋଗକୁ କେବେ ହାତଛଡ଼ା କରିବା ପାଇଁ ଚାହୁଁ ନ ଥିଲେ । କିଛି ଦିନ ବିତି ଯିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବାରୁ ପୂର୍ବ ଭଳି ଘର କାମ ଧନ୍ଦାରେ ବ୍ୟସ୍ତ ହେବାର ଦେଖିବାକୁ ମିଳିଥିଲା । ଆଗରୁ ସ୍ୱାମୀଙ୍କ ମନରେ ଉଙ୍କି ମାରିଥିବା ଭାବନା ବଦଳି ଯାଇଥିଲା । ଗୋଟେ ଘରର ବୋହୂ ହେଲା ପରେ ସବୁବେଳେ ଜଣେ ଉତ୍ତମ ଗୃହିଣୀ ଚାହେଁ ସ୍ୱାମୀଙ୍କ ଭଲ ମନ୍ଦ ବୁଝିବାରେ ଟିକେ ଡେରି ହୋଇଯାଉ କିନ୍ତୁ ପରିବାର ଲୋକଙ୍କ ପ୍ରତି ଥିବା ସଦ ଭାବନାରେ କୌଣସି ପରିବର୍ତ୍ତନ ନ ଆସୁ ସେଥିପାଇଁ ସେ ଭଲରେ ମୁଠେ ଖାଉ ବା ଉପବାସ ରହୁ କିନ୍ତୁ ଦିନରେ ବହୁ ପରିଶ୍ରମ କରି ଥିବାରୁ ରାତିରେ ଭଲରେ ଟିକେ ନିଦ ଆସୁ ଏହା ହିଁ କାମନା କରିଥାଏ । ଏ କଥା ଗୋଟେ ସ୍ୱାମୀ ହିସାବରେ ବୁଝିବା ପାଇଁ ଆଉ ବେଶି ସମୟ ଲାଗି ନ ଥିଲା ।

ମୋ -୯୧୭୮୩୧୩୬୪୪

## ଆତ୍ମା...

ମୂଳହିନ୍ଦୀ-ଶ୍ରୀ ରାମଶର୍ମା ଆଚାର୍ଯ୍ୟ
ଅନୁବାଦ-ମନୋଜ କୁମାର ବେହେରା



ଚରିତ୍ରବାନ ହେବା ପାଇଁ ନିଜର ଆତ୍ମିକ ଶକ୍ତିର ଉଜାଗର କରିବାର ଆବଶ୍ୟକତା ହୋଇଥାଏ । ତପ, ସଂଯମ ଆଉ ଧୈର୍ଯ୍ୟରୁ ଆତ୍ମାବଳବାନ ହୋଇଥାଏ । କାମୁକତା, ଲୋଭ ଏବଂ ଇନ୍ଦ୍ରିୟସୁଖର କଥା ଭାବିକରି ରହିଲେ ଆତ୍ମଶକ୍ତିର ହ୍ରାସ ହୋଇଥାଏ । ନିଜର ଜୀବନରେ କଠିନତା ଆଉ ଅସୁବିଧାକୁ ସ୍ଥାନ ନ ମିଳିଲେ ଆତ୍ମଶକ୍ତି ଜାଗ୍ରତ ହୁଏ ନାହିଁ ଯେପର୍ଯ୍ୟନ୍ତ କଷ୍ଟ ଆଉ କଠିନତାରେ ଲଢ଼ିବାର ଭାବହୃଦୟରେ ନ ଆସେ ସେ ପର୍ଯ୍ୟନ୍ତ ଚରିତ୍ରବାନ ହେବାର କଳ୍ପନା ସାକାରରୂପ ଧାରଣ କରିପାରେନି। ଚରିତ୍ର ନିର୍ମାଣ ପାଇଁ ସାହିତ୍ୟର ବଡମହତ୍ତ୍ୱ ଅଛି। ମହାପୁରୁଷଙ୍କଜୀବନ କଥା ପଢିଲେ ନିଜେ ମଧ୍ୟ ସେମିତି ହେବାର ଇଚ୍ଛା ହୋଇଥାଏ । ବିଚାରକୁ ଶକ୍ତି ଏବଂ ଦୃଢ଼ତା ପ୍ରଦାନ କରିବାବାଲା ସାହିତ୍ୟ ଆତ୍ମ ନିର୍ମାଣରେ ବଡ ଯୋଗ ଦେଇଥାଏ। ଏଥିରେ ଆନ୍ତରିକ ବିଶେଷତା ଜାଗ୍ରତ ହୋଇଥାଏ । ଭଲ ପୁସ୍ତକରେ ପ୍ରାପ୍ତ ପ୍ରେରଣା ପ୍ରକୃତମିତ୍ରର କାର୍ଯ୍ୟକରିଥାଏ । ଏଥିରେ ଜୀବନକୁ ସଠିକ୍ ଦିଗଜ୍ଞାନ ହୋଇଥାଏ । ଏହାର ବିପରୀତ ଅଶ୍ଳୀଳ ସାହିତ୍ୟ ଅଧଃ ପତନର କାରଣ ହୋଇଥାଏ । ଯେଉଁ ସାହିତ୍ୟ ଉତ୍ତେଜିତ କରେ, ତା'ଠାରୁ ଶହେକୋଶ ଦୂରରେ ରୁହ । ଏଥିରେ ଚରିତ୍ର ଦୂଷିତ ହୋଇଥାଏ। ସାହିତ୍ୟର ଚୟନ କରିବା ସମୟରେ ଏହା ଦେଖିନେବା ଅନିବାର୍ଯ୍ୟ ଅଟେକି ସେଥିରେ ମାନବତାର ଅନୁରୂପ ବିଷୟର ସମ୍ପାଦନ ହେଉଛି ନା' ନାହିଁ? ଯଦି କୌଣସି ପୁସ୍ତକ ଏମିତି ମିଳିଯାଏ ତାକୁ ସେମିତି ପ୍ରକୃତ ରାମାୟଣ, ଗୀତା, ଉପନିଷଦ ମାନିକରି ବର୍ଣ୍ଣିତ ଆଦେଶରେ ନିଜର ଜୀବନକୁ ଉଚ୍ଚ ବନେଇବାର ପ୍ରୟାସ କରିଲେ ଚାରିତ୍ରିକ ସଂଗଠନର ସ୍ୱତଃ ପୁରା ହେବାକୁ ଲାଗିଥାଏ । ଆମର ବେଶଭୂଷା ଏବଂ ଖାଦ୍ୟ ପାନରେ ମଧ୍ୟ ଆମରବିଚାର ତଥା ରହିବା ସହିବାକୁ ପ୍ରଭାବିତ କରିଥାଏ । ଅଜବ ଫେଶନ୍‌ର ବସ୍ତ୍ର ମସ୍ତିଷ୍କ ଉପରେ ପ୍ରଭାବ ପକେଇବାରେ କେବେ ହେଳାକରେନି। ଏଥିରୁ ସବୁ ସମୟରେ ସାବଧାନ ରୁହନ୍ତୁ । ବସ୍ତ୍ରରେ ପରିଚ୍ଛନ୍ନତା ଆଉ ସରଳତା ମନୁଷ୍ୟର ମହାନତାର ପରିଚୟ ଅଟେ । ଏଥିରେ କୌଣସି ଅବସରରେ ଅସୁବିଧା ହୋଇନଥାଏ। ମନ ଆଉ ବୁଦ୍ଧିର ନିର୍ମଳତା, ପବିତ୍ରତା ଉପରେ ଏହାର ବଡ ସୌମ୍ୟ ପ୍ରଭାବ ପଡିଥାଏ। ଏହି କଥା ଖାଦ୍ୟ ପାନୀୟରେ ସମ୍ବନ୍ଧ ମଧ୍ୟ ଥାଏ । ଆହର ଶୁଦ୍ଧତା ଆଉ ସରଳତାର ବିଚାର ସେମିତି ଉତ୍ପନ୍ନ ହୋଇଥାଏ । ମାଦକ ଦ୍ରବ୍ୟ, ଲଙ୍କା, ମସଲା, ମାଂସ ଭଳି ଉତ୍ତେଜକ ପଦାର୍ଥରୁ ଚରିତ୍ର ବଳ କ୍ଷୀଣ ହୋଇଥାଏ। ଆଉ ପଶୁବୃତ୍ତି ଜାଗ୍ରତ ହୋଇଥାଏ। ଖାଦ୍ୟ-ପାନୀୟର ଆବଶ୍ୟକତା ସ୍ୱାସ୍ଥ୍ୟ ପାଇଁ ହୋଇଥାଏ ନା'କି ବିଚାରବଳରୁ ଦୂଷିତ ବନେଇଥାଏ ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠଲେନ୍,
ୟୁନିଟ୍-୯ (ଫ୍ଲାଟ),
ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

# ଉଦ୍‌ଯାପିତ ହେଲା ଆଦିବାସୀ ମେଳା : ୧୨ ଦିନରେ ୯ କୋଟିରୁ ଉର୍ଦ୍ଧ୍ୱ କାରବାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଉଦଯାପିତ ହେଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା । ଭୁବନେଶ୍ୱରର ୟୁନିଟ-୩ ଆଦିବାସୀ ପଡ଼ିଆଠାରେ ଗତ ୧୨ ଦିନବ୍ୟାପୀ ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି । ଏହି ୧୨ ଦିନ ମଧ୍ୟରେ ସାଢେ ୯ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ବେଳେ ପ୍ରାୟତଃ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ଦୁଇ ଗୁଣା ଥିଲା । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି । ଉଦଯାପନୀ ସମାରୋହରରେ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀଶଙ୍କର ମାଝୀ, କୋଟପାଡ଼ ବିଧାୟକ ଶ୍ରୀ ରୁପୁ ଭଦ୍ରା ଉପସ୍ଥିତ ଥିବା ବେଳେ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମଣ କୁମାର ମଲ୍ଲିକ ମଂଚାସୀନ ଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଚଳିତ ବର୍ଷର ଆଦିବାସୀ ମେଳା ଆମ ପାଇଁ ଥିଲା ସ୍ୱତନ୍ତ୍ର । ପ୍ରବାସୀ ଭାରତୀୟ ଦିବସ ଆମେ ପାଳନ କରିଛୁ, ପ୍ରଥମ ଥର ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଂଚାଇବାରେ ସଫଳତା ପାଇଛୁ । ସେ ଏହା ମଧ କହିଛନ୍ତି, ମୁଖ୍ୟଧାରାର ବିକାଶରେ ଆଦିବାସୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ । ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ, ଆଦିବାସୀଙ୍କ ସାମୂହିକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ସ୍ୱାର୍ଥ ପ୍ରତି ଯତ୍ନବାନ ହେଉଛନ୍ତି । ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ସହିତ, ଆଦିବାସୀଙ୍କ ମଧ୍ୟରେ ଅଧିକ ସଚେତନତା ବୃଦ୍ଧି ପାଉଛି । ସେହିପରି ନବରଙ୍ଗପୁର ବିଧାୟକ ଆଦିବାସୀ ମେଳା ଆୟୋଜନର ଭୁରି ଭୁରି ପ୍ରଶଂସା କରିଥିବା ବେଳେ କୋଟପାଡ଼ ବିଧାୟକ ଓଡ଼ିଶା ମାଟିକୁ ଆଦିବାସୀ ପ୍ରଦେଶର ମାଟି ବୋଲି ବର୍ଣ୍ଣନା କରିଛନ୍ତି । ଉଦଯାପନୀ ସନ୍ଧ୍ୟାରେ ଜର୍ଣ୍ଣାଲ 'ଆଦିବାସୀ: ୬୪ତମ ଖଣ୍ଡ' ଉନ୍ମୋଚିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ବାର୍ଷିକ ରିପୋର୍ଟକୁ ମୁଖ୍ୟ ଅତିଥି ଅନାବରଣ କରିଛନ୍ତି । ୬ ଜଣ ସଫଳ ଜନଜାତି ଚାଷୀ, ୬ ଜଣ କ୍ଷୁଦ୍ର ଉଦ୍ୟୋଗୀ ଓ ଜଣେ ଜନଜାତି କଳାକାରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ ଟି ଶ୍ରେଷ୍ଠ କୁଡ଼ିଆ ଓ ୩ ଜଣ ଜନଜାତି ବ୍ୟବସାୟୀଙ୍କୁ ପୁରସ୍କୃତ କରାଯାଇଛି । ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ ଭୁବନେଶ୍ୱର ଦ୍ୱାରା ଆଦିବାସୀ ମେଳା ଅନୁଷ୍ଠିତ ହୋଇଥିଲା । ଆଦିବାସୀ ଗାଁ, ଆଦିବାସୀ ହାଟ, ଆଦିବାସୀ କଳା ଏବଂ କଳାବସ୍ତୁ ପ୍ରସ୍ତୁତି ପ୍ରଦର୍ଶନୀ, ଭଗବାନ ବିର୍ସା ମୁଣ୍ଡା ଗ୍ୟାଲେରୀ, ଖାଦ୍ୟ ପ୍ରାଙ୍ଗଣର ଆୟୋଜନ କରାଯାଇଥିଲା । ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀ ପାଳନ ଅବସରରେ ଚଳିତବର୍ଷ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ ନିର୍ମିତ ହୋଇଥିଲା । ଏଥିରେ ଭାରତ ଓ ଓଡ଼ିଶାର ପ୍ରମୁଖ ଜନଜାତି ସ୍ୱାଧୀନତା ସଂଗ୍ରାମୀ, ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନଯାତ୍ରା ସମ୍ପର୍କିତ ବୃତ୍ତିଚିତ୍ର ଓ ଚିତ୍ରକଳା ଏବଂ ଜନଜାତି ଜୀବନ ଓ ସଂସ୍କୃତି ସମ୍ବନ୍ଧିତ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଡ୍ରୋନ୍ ଶୋ, ଲେଜର୍ ଶୋ, ଫାୟାର୍ ଶୋ, ଜନଜାତି ଫ୍ୟାସନ୍ ଶୋ, ପ୍ରୋଜେକ୍ସନ ମ୍ୟାପିଂ, ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ ର ଆୟୋଜନ କରାଯାଇଥିଲା । ପ୍ରଥମ ଥର ରାଜ୍ୟ ବାହାରର ଜନଜାତି ବିକ୍ରେତା ଓ ଜନଜାତି ନୃତ୍ୟ ଦଳଙ୍କୁ ମେଳାରେ ଭାଗନେବା ପାଇଁ ସୁଯୋଗ ଦିଆଯାଇଥିଲା । ଚଳିତ ବର୍ଷ ପ୍ରବାସୀ ଭାରତୀୟ ଦିବସକୁ ଧ୍ୟାନରେ ରଖି ୧୮୮ ଷ୍ଟଲ୍ ପ୍ରସ୍ତୁତ କରାଯାଇଥିବା ବେଳେ ୨୦ ଟି ଆଦିବାସୀ କୁଡ଼ିଆ ନିର୍ମାଣ କରାଯାଇଥିଲା ଫଳରେ ସହର ମଧ୍ୟରେ ଆଦିବାସୀ ଗ୍ରାମର ଅନୁଭୂତି ପାଇଥିଲେ ଜନସାଧାରଣ । ଗଦବା, ପାଉଡିଭୂୟାଁ, ଡଙ୍ଗରିଆ କନ୍ଧ, ଜୁଆଙ୍ଗ, ସଉରା, ହିଲ୍ ଖଡ଼ିଆ, କୁଟିଆ କନ୍ଧ, ଚୁକୁଟିଆ ଭୁଞ୍ଜିଆ, ବଣ୍ଡା, ଭୂମିଜ, ସାନ୍ତାଳ, କୋୟା, ମୁଣ୍ଡା, ଖଡ଼ିଆ, ପରଜା, ଓରାଓଁ, ଗଣ୍ଡ, ଭାତୁଡ଼ି, କିସାନ ଏବଂ କୋହ୍ଲ ପ୍ରମୁଖ ଜନଜାତିଙ୍କର ବାସସ୍ଥଳୀର ନମୁନା ସର୍ବସାଧାରଣରେ ବେଶ୍ ପ୍ରଶଂସିତ ହୋଇଥିଲା । ଚଳିତ ବର୍ଷ ଆଦିବାସୀ ମେଳାରେ ୧୪୦ଟି ଜନଜାତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଭାଗ ନେଇଥିଲେ । ମୋଟ୍ ୪୯ ଟି ଗ୍ରୁପ୍ ର ୯୮୦ ଜଣ ଜନଜାତି ପ୍ରତିଭା ୭୦ ପ୍ରକାରର ଜନଜାତି ନୃତ୍ୟ ମଂଚରେ ପରିବେଷଣ କରିଛନ୍ତି । ମୋଟ୍ ୨୫୩୦ ଜଣ ଜନଜାତି ଏହି ମେଳାରେ ଅଂଶଗ୍ରହଣ କରିଥିବା ବେଳେ ମୋଟ୍ ୧୪୨୦ ଜଣ ଜନଜାତି ମହିଳା ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି ।

## ବରଗଡ ରୋଡ୍-ନୂଆପଡା ରୋଡ୍ ନୂତନ ରେଳ ଲାଇନ ପ୍ରକଳ୍ପ

# ଜମି ଅଧିଗ୍ରହଣର ଅଗ୍ରଗତି ସହିତ ଭିତ୍ତିଭୂମି ବିସ୍ତାର କାର୍ଯ୍ୟ ଆଗେଇ ଚାଲିଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଂଚଳିକ ସଂଯୋଗ ବୃଦ୍ଧି ତଥା ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ ଭାରତୀୟ ରେଳବାଇ ୧୩୮.୩୨ କିଲୋମିଟର ନୂତନ ରେଳ ଲାଇନ ନିର୍ମାଣରେ ବରଗଡ ରୋଡ-ନୂଆପଡା ରୋଡ଼କୁ ସଂଯୋଗ କରିବାରେ ଯଥେଷ୍ଟ ଅଗ୍ରଗତି କରିଛି । ଏହି ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ସେବା ପାଇଁ ଏକ ନୂତନ, ସ୍ୱଳ୍ପ ଦୂର ଏବଂ ଅଧିକ ଦକ୍ଷ ମାର୍ଗ ପ୍ରଦାନ କରି ଓଡିଶାରେ ପରିବହନ ଦୃଶ୍ୟକୁ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି । ସେପ୍ଟେମ୍ବର ୧୦, ୨୦୨୪ ରେ ରେଳ ବୋର୍ଡ ବରଗଡ ରୋଡ-ନୂଆପଡା ରୋଡ ଲାଇନକୁ ମୋଟ ୨,୬୨୧.୯୨ କୋଟି ଟଙ୍କା ଅନୁମୋଦନ କରିଛି । ପ୍ରକଳ୍ପର ଆର୍ଥିକ ବଣ୍ଟନ ହେଉଛି: ସିଭିଲ୍ ଇଞ୍ଜିନିୟରିଂ: ୨,୧୦୭.୩୦ କୋଟି; ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ: ୩୦୫.୫୫ କୋଟି; ସିଗନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟରିଂ: ୨୦୯.୦୭ କୋଟି । ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପକୁ ସମର୍ଥନ କରିବାରେ ଓଡିଶା ସରକାର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଏବଂ ଏହାର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଉଭୟ ଜମି ମାଗଣାରେ ଏବଂ ୩୦୦ କୋଟି ଅନୁଦାନ ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ୯୨୪.୬୪ ହେକ୍ଟର ଜମି ଅଧିଗ୍ରହଣ, ଯାହାର ଆନୁମାନିକ ମୂଲ୍ୟ ୩୬୪ କୋଟି । ଏହି ଜମିରେ ୭୫୨.୫୨୪ ହେକ୍ଟର ବେସରକାରୀ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି ଏବଂ ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ । ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିବଦ୍ଧତା ଅନୁଯାୟୀ ଉଭୟ ବରଗଡ ଏବଂ ନୂଆପଡା ଜିଲ୍ଲାରେ ଜମି ଅଧିଗ୍ରହଣ ପାଇଁ ଦକ୍ଷ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ବରଗଡ ତହସିଲରେ ବରଗଡ ଏବଂ ସାମସାରା ମଧ୍ୟରେ ପାଂଚଟି ଗ୍ରାମକୁ ନେଇ ପ୍ରଥମ ବ୍ଲକ ସେକ୍ସନ ପାଇଁ ଜମି ଅଧିଗ୍ରହଣ ଦ୍ରୁତ ଗତିରେ ଆଗକୁ ବଢୁଛି । ଅକ୍ଟୋବର ୨୫, ୨୦୨୪ ରେ ରେଳବାଇ ପ୍ରଥମ ବ୍ଲକ ସେକ୍ସନ ପାଇଁ ଜମି ଅଧିଗ୍ରହଣ ପ୍ରସ୍ତାବ ଦାଖଲ କରିଥିଲା ଏବଂ ଜିଲ୍ଲା ଅଧିକାରୀମାନେ ଡିସେମ୍ବର ୨୮, ୨୦୨୪ ସୁଦ୍ଧା ପାଂଚଟି ଗାଁ ପାଇଁ ଜମି ସୂଚୀ ଯାଂଚ ଶେଷ



କରିଥିଲେ । ରେଳ ସଂଶୋଧନ ଅଧିନିୟମ ଅନୁଯାୟୀ ୨୦ କ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା କରାଯାଉଛି । ଏହି ମୁଖ୍ୟ ସେକ୍ସନ ପାଇଁ ଜମି ଅଧିଗ୍ରହଣକୁ ସୁବିଧାଜନକ କରି ଶୀଘ୍ର ପ୍ରକାଶିତ ହେବ । ଏହି ପ୍ରକ୍ରିୟାକୁ ଶୀଘ୍ର ଟ୍ରାକ୍ କରିବାକୁ ଏକ ପ୍ରୟାସରେ, ଅଧିଗ୍ରହଣ ପ୍ରକ୍ରିୟାରେ ଦକ୍ଷ ଅଥରିଟି କୁ ସହାୟତା କରିବା ପାଇଁ ଡିସେମ୍ବର ୨୬, ୨୦୨୪ ରେ ଏକ ଟେଣ୍ଡର ଫ୍ଲୋଟ୍ କରାଯାଇଥିଲା । ଏହି ପ୍ରୟାସଗୁଡ଼ିକ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଜମି ଅଧିଗ୍ରହଣ ବିଳମ୍ବ ନକରି ଆଗକୁ ବଢିଚାଲି ପ୍ରକଳ୍ପ ସମାପ୍ତ ହେବା ଦିଗରେ କାର୍ଯ୍ୟକାରୀ କରିବା ମାର୍ଗରେ ଅଗ୍ରଗତି ଜାରିରଖାଯିବ । ଏହି ନୂତନ ରେଳ ଲାଇନ ଏକ ବିଦ୍ୟୁତକରଣ ବ୍ରଡ ଗେଜ (ବିଜି) ଲାଇନ ହେବ ଯାହା ଯାତାୟାତ ପାଇଁ ଅଧିକ ଦକ୍ଷ ବିକଳ୍ପ ମାର୍ଗ ପ୍ରଦାନ କରିବ ଏବଂ ବର୍ତ୍ତମାନ ମାର୍ଗ ଝାରସୁଗୁଡା-ବିଳାସପୁର-ରାୟପୁର ବ୍ୟସ୍ତବହୁଳ ଓ ଦୂରତାକୁ ହ୍ରାସ କରିବ । ପ୍ରକଳ୍ପର ମୁଖ୍ୟ ଲାଭ ଅନ୍ତର୍ଭୁକ୍ତ: ଯାତ୍ରା ଦୂରତା ହ୍ରାସ: ଏହି ନୂତନ ମାର୍ଗ ସମ୍ବଲପୁର-ଝାରସୁଗୁଡା-ରାୟପୁର ମାର୍ଗ ତୁଳନାରେ ୫୩ କିଲୋମିଟର ଏବଂ ସମ୍ବଲପୁର-ଟିଟିଲାଗଡ-ରାୟପୁର ମାର୍ଗ ତୁଳନାରେ ୮୭ କିଲୋମିଟର ହ୍ରାସ କରିବ ଏବଂ ଉଭୟ ଯାତ୍ରୀ ଏବଂ ପାନ୍ୟ ପରିବହନ ପାଇଁ ଗମନାଗମନ ସମୟକୁ ଉନ୍ନତ କରିବ । ଉନ୍ନତ ମାଲ ପରିବହନ କ୍ଷମତା: ନୂତନ ଲାଇନ ଓଡିଶା ଏବଂ ଛତିଶଗଡ ମଧ୍ୟରେ ମାଲ ପରିବହନ କ୍ଷମତାକୁ ବୃଦ୍ଧି କରାଇବ ଏବଂ ସାମଗ୍ରୀର ଚଳାଚଳକୁ ଅଧିକ ଦକ୍ଷତାର ସହିତ ଅନୁମତି ଦେବ । ଇସ୍ପାତ କାରଖାନା, କୋଇଲା ପରିବହନ ଏବଂ ରାୟପୁର ଭଳି ପ୍ରମୁଖ ସ୍ଥାନକୁ ଲୁହାପଥର ପରିବହନ ଭଳି ଶିଳ୍ପ ଅଂଚଳ ପାଇଁ ଏହା ବିଶେଷ ଲାଭଦାୟକ ଅଟେ । ରଣନୀତିକ ଶିଳ୍ପ ଲାଭ: ଏହି ମାର୍ଗ ଇସ୍ପାତ କାରଖାନାରୁ ଫିନିସ୍ଡ ଷ୍ଟିଲ, ଅନୁଗୁଳରୁ କୋଇଲା ଏବଂ ଦୈତାରୀ ଓ ଗନ୍ଧମର୍ଦ୍ଦନରୁ ଲୁହାପଥର ପରିବହନକୁ ସହାୟକ ହେବ ସହ ସାମଗ୍ରୀର ମୂଲ୍ୟ ହ୍ରାସ କରି ବାଣିଜ୍ୟ ଦକ୍ଷତା ବୃଦ୍ଧି କରିବ । ଏହି ରେଳ ଲାଇନଟି ଦୂର ତଥା ଉପାନ୍ତ ଅଂଚଳର ଜନସାଧାରଣଙ୍କ ଆକାଂକ୍ଷାକୁ ବହୁ ପ୍ରଭାବିତ କରିବାକୁ ପ୍ରସ୍ତୁତ ହୋଇଛି । ବର୍ଷ ବର୍ଷ ଧରି, ଏହି ଅଂଚଳଗୁଡିକ ଅତ୍ୟାବଶ୍ୟକ ସେବା, ପରିବହନ ଏବଂ ଅର୍ଥନୈତିକ ସୁଯୋଗର ସୀମିତ ପ୍ରବେଶ ସହିତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ । ଏହି ଲାଇନର ପ୍ରତିଷ୍ଠା ପ୍ରମୁଖ ସହରଗୁଡିକୁ ଉନ୍ନତ ସଂଯୋଗ ଯୋଗାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ସୁଯୋଗରେ ଉନ୍ନତି ଆଣିବା ଏବଂ ସ୍ଥାନୀୟ ଜନସମୁଦାୟକୁ ସଶକ୍ତ କରି ଏହି ସମସ୍ୟାର ସମାଧାନ କରିବ ବୋଲି ଆଶା କରାଯାଉଛି । ଉନ୍ନତ ରେଳ ଭିତ୍ତିଭୂମି ସାମାଜିକ ତଥା ଅର୍ଥନୈତିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବ, ଯାହା ଗ୍ରାମାଂଚଳ ତଥା ଦୂର ଗ୍ରାମଗୁଡିକର ଲୋକଙ୍କୁ ଏହି ଅଂଚଳର ଅଭିବୃଦ୍ଧିରେ ସକ୍ରିୟ ଅଂଶଗ୍ରହଣ କରିବାକୁ ସକ୍ଷମ କରିବ ଏବଂ ପର୍ଯ୍ୟଟନ ଏବଂ ବ୍ୟବସାୟ ବିକାଶ ପାଇଁ ରାସ୍ତା ଖୋଲିବ । ଓଡିଶା ସରକାର ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସକ୍ରିୟ ସହଯୋଗରେ ଏହି ପ୍ରକଳ୍ପ କେବଳ ଯାତ୍ରୀ ପରିବହନରେ ଉନ୍ନତି ଆଣିବ ନାହିଁ ବରଂ ଆଂଚଳିକ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ସହାୟକ ହେବ । ଏହି ଲାଇନ ଇସ୍ପାତ, ସିମେଣ୍ଟ, ଖାଦ୍ୟ ଶସ୍ୟ ଏବଂ କୋଇଲା ସମେତ ବିଭିନ୍ନ ଶିଳ୍ପକୁ ଉପକୃତ କରିବ ଏବଂ ଲପଙ୍ଗାସ୍ଥିତ ଜେଏସଡବ୍ଲୁ ଷ୍ଟିଲ, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମ ଲିମିଟେଡ୍ ଏବଂ ବରଗଡର ଏସିସି ସିମେଣ୍ଟ ୱାର୍କ ଭଳି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ହବଗୁଡିକର ପ୍ରବେଶକୁ ଉନ୍ନତ କରିବ । ବରଗଡ ରୋଡ୍ ରୁ ନୂଆପଡା ରୋଡ୍ ରେଳ ଲାଇନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ଯାହା ଏହି ଅଂଚଳରେ ପରିବହନକୁ ପୁନଃ ରୂପାନ୍ତରିତ କରିବା ସହିତ ଶିଳ୍ପ କେନ୍ଦ୍ରଗୁଡିକ ସହିତ ସିଧାସଳଖ ଲିଙ୍କ୍ ଯୋଗାଇବ ଏବଂ ବିଦ୍ୟମାନ ରେଳ ମାର୍ଗରେ ଯାତାୟାତ ହ୍ରାସ କରିବ । ସଫଳ ଜମି ଅଧିଗ୍ରହଣ ଏବଂ ରାଜ୍ୟ ସରକାରଙ୍କ ସହ ନିରନ୍ତର ସହଯୋଗରେ ଭାରତୀୟ ରେଳବାଇ ଓଡିଶା ତଥା ଅନ୍ୟାନ୍ୟ ଲୋକଙ୍କ ସୁବିଧା ପାଇଁ ପ୍ରକଳ୍ପର ଠିକ ସମୟରେ ସମାପ୍ତ କରାଇବା ପାଇଁ ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୮ମ ବେତନ...

ପୂର୍ବରୁ ଅଷ୍ଟମ ବେତନ କମିଶନ ଗଠନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂଚନା ଯୋଗ୍ୟ ଜାନୁଆରୀ ୧, ୨୦୧୬ରୁ ଦେଶରେ ସପ୍ତମ ବେତନ କମିଶନ ଲାଗୁ ହୋଇଥିଲା । ଏହା ଦ୍ୱାରା ପ୍ରାୟ ୧ କୋଟି କେନ୍ଦ୍ରୀୟ ସରକାରୀ କର୍ମଚାରୀ ଉପକୃତ ହୋଇଥିଲେ । ଯେହେତୁ ପ୍ରତି ୧୦ ବର୍ଷରେ ବେତନ କମିଶନ ଲାଗୁ ହୁଏ, ଏବେ ଆଶା କରାଯାଉଛି ଯେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ୧ ଜାନୁଆରୀ ୨୦୨୬ରୁ ୮ମ ବେତନ କମିଶନ ଲାଗୁ କରିବେ । ଏହା ସର୍ବନିମ୍ନ ମଜୁରୀ ଏବଂ ପେନସନରେ ବଡ଼ ପରିବର୍ତ୍ତନ ଆଣିବାର ଆଶା କରାଯାଉଛି ।

## ମହାକାଶରେ ନୂଆ ...

ହୋଇଛି । ଏହା ଭାରତ ପାଇଁ ବାସ୍ତବରେ ଏକ ଗର୍ବର ମୁହୂର୍ତ୍ତ । ଏହାର ପରୀକ୍ଷଣ ଜାନୁଆରୀ ୧୨ ତାରିଖରେ ସମାପ୍ତ ହୋଇଥିଲା । ଏହି ଐତିହାସିକ ସଫଳତା ପାଇଁ ଇସ୍ରୋ ଏହାର ସମଗ୍ର ଟିମ୍‌କୁ ଅଭିନନ୍ଦନ ଜଣାଇଛି । ମିଶନର ଡକିଂ ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଛି । ଏହା ଏକ ଐତିହାସିକ ମୁହୂର୍ତ୍ତ । ୧୫ ମିଟରରୁ ୩ ମିଟର ହୋଲ୍ଡ ପଏଣ୍ଟକୁ ଆଣିବାର ପ୍ରକ୍ରିୟା ସମାପ୍ତ ହୋଇଛି । ମହାକାଶଯାନଟି ସଫଳତାର ସହ ଧରାପଡ଼ିଥିଲା ମହାକାଶରେ । ସଫଳ ଡକିଂ ହାସଲ କରିବାରେ ଭାରତ ଚତୁର୍ଥ ଦେଶ ହୋଇଛି ।

## ଷ୍ଟାର୍ଟଅପ୍ ଇଣ୍ଡିଆର...

ଭାରତ ଗତିଶୀଳ, ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ । ଯାତ୍ରାର ଏହି ପର୍ଯ୍ୟାୟରେ, ଆମେ ଆତ୍ମନିର୍ଭର ଭାରତରେ ଯୋଗଦାନ କରୁଥିବା ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ । ଯାହାକି ପ୍ରତ୍ୟେକ ସ୍ୱପ୍ନକୁ ସାକାର କରିବ ଓ ଆତ୍ମନିର୍ଭର ଭାରତ ଲାଗି ନିଜର ଯୋଗଦାନ ଦେବ । ମୁଁ ଷ୍ଟାର୍ଟଅପ୍ ଦୁନିଆର ପ୍ରତ୍ୟେକ ଯୁବକଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଏହି ପଥରେ ଆଗେଇବାକୁ ଅଧିକରୁ ଅଧିକ ଯୁବକଙ୍କୁ ଆହ୍ୱାନ କରୁଛି । ମୁଁ ଆପଣଙ୍କୁ ଆଶ୍ୱାସନା ଦେଉଛି ଯେ ଆପଣ ନିରାଶ ହେବେ ନାହିଁ !

## ମିଡ଼ିଆ ଆଗରେ...

କଂଗ୍ରେସ ନେତା ସନ୍ତୋଷ ସିଂହ ସାଲୁଜା ମଧ ସିବିଆଇ ତଦନ୍ତ ହେଲେ ପ୍ରକୃତ ସତ ପଦାକୁ ଆସିବ ବୋଲି କହିଛନ୍ତି । ବିଜେଡି ବିଧାୟକ ମନୋହର ରନ୍ଧାରୀ କହିଛନ୍ତି, ନବ ଦାସ ହତ୍ୟା ମାମଲାରେ ଯେହେତୁ ତାଙ୍କ ଝିଅ ସିବିଆଇ ତଦନ୍ତ ଦାବି କରୁଛନ୍ତି, ତେଣୁ ଏହା ହେବା ଆବଶ୍ୟକ । ଆଗରୁ ତଦନ୍ତ ତ ହୋଇଥିଲା, ଦୋଷୀ ଧରାପଡ଼ିଥିଲେ । ସରକାର ନିଷ୍ପତ୍ତି ନେବା ଦରକାର ସିବିଆଇ ଗୋଟିଏ ଭଲ ତଦନ୍ତକାରୀ ସଂସ୍ଥା, ସେଥିପାଇଁ ଝିଅ ଦୀପାଳି ଭାବୁଥିବେ ଆଉ କିଏ ଦୋଷୀ ରହିଯାଇଥିବ ବୋଲି ତେଣୁ ତଦନ୍ତ ହେଲେ ଭଲ ହେବ ।

## ଅଙ୍ଗନୱାଡି ...

ଯାଇଥିବା ପାଞ୍ଚ ଦିନିଆ ଗସ୍ତ ସମୟରେ ସେ 'ଚିନ୍ତନ ଶିବିର' (ବିଧାନସଭା କର୍ମଶାଳା)ରେ ଯୋଗଦେବା ପରେ ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି । ତେବେ ଅଙ୍ଗନୱାଡି କର୍ମଚାରୀଙ୍କ ବେତନ କେବେ ବୃଦ୍ଧି କରାଯିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସୂଚନାଯୋଗ୍ୟ, ପୂର୍ବ ସରକାର ରାଜ୍ୟରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପୂର୍ବରୁ ଗତ ୨୦୨୪ ବର୍ଷ ଫେବୃଆରୀରେ ଅଙ୍ଗନୱାଡି କର୍ମଚାରୀ ଏବଂ ସେମାନଙ୍କ ସହାୟକଙ୍କ ମାସିକ ପାରିଶ୍ରମିକ ତଥା ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ବୃଦ୍ଧି କରିବାକୁ ଘୋଷଣା କରିଥିଲେ ।

ଅଙ୍ଗନୱାଡି କର୍ମଚାରୀଙ୍କ ମାସିକ ଦରମା ୭,୫୦୦ ରୁ ୧୦,୦୦୦ ଟଙ୍କା ଏବଂ କନିଷ୍ଠ ଅଙ୍ଗନୱାଡି କର୍ମଚାରୀଙ୍କ ଦରମା ୫,୩୭୮ ରୁ ୭,୨୫୦ ଟଙ୍କା ଏବଂ ଅଙ୍ଗନୱାଡି ସହାୟିକା ୩,୭୫୦ ରୁ ୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

## ଛତିଶଗଡ଼: ପୁଲିସ ...

ସ୍ୱୀକାର କରି ବିଜାପୁର ଏଏସପି କହିଛନ୍ତି, ବିଜାପୁର ସୀମାନ୍ତ ଅଞ୍ଚଳରେ ନକ୍ସଲଙ୍କ ସହ ଏନକାଉଣ୍ଟର ଚାଲିଛି । ବିଜାପୁର-ସୁକୁମାର ଡିଆରଜି ଯବାନ, ସିଆରପିଏଫର ୫ଟି କୋବ୍ରା ୟୁନିଟ୍, ସିଆରପିଏଫର ୨୨୯ତମ ବାଟାଲିୟନ ଏହି ଅପରେସନରେ ସାମିଲ ଅଛନ୍ତି । ପ୍ରାଥମିକ ସୂଚନା ଅନୁଯାୟୀ ଏନକାଉଣ୍ଟରରେ ୧୨ ଜଣ ନକ୍ସଲ ନିହତ ହୋଇଛନ୍ତି । ଏବେ ବି ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି ।

## ସୈଫ୍ ଅଲ୍ଲୀ ...

ଅଭିଯୁକ୍ତ କଏଦ ହୋଇଛି । ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଥିବା ଅଭିନେତାଙ୍କ ଘରେ ରାତି ପ୍ରାୟ ୨.୩୦ ସମୟରେ ପିଲାମାନଙ୍କ କୋଠରୀରେ ଏହି ଆକ୍ରମଣ ଘଟିଥିଲା, ଯେତେବେଳେ ଜଣେ ଘରୋଇ ସହାୟକ ଦୁର୍ବୃତ୍ତଙ୍କୁ ଦେଖି ଆଲାରାମ ବଜାଇ ଦେଇଥିଲେ । ଶବ୍ଦ ଶୁଣି ସୈଫ ଅଲ୍ଲୀ ଖାନ କୋଠରୀ ଭିତରକୁ ପ୍ରବେଶ କରି ଦୁର୍ବୃତ୍ତଙ୍କୁ ସାମ୍ନା କରିଥିଲେ, ଯାହା ପରେ ଏକ ହିଂସାତ୍ମକ ସଂଘର୍ଷ ଘଟିଥିଲା ଏବଂ ଦୁର୍ବୃତ୍ତଜଣଙ୍କ ଅଭିନେତାଙ୍କୁ ଛଅ ଥର ଛୁରୀ ଭୁଷି ଦେଇଥିଲା । ଘରୋଇ ସହାୟିକାଙ୍କ ହାତରେ ମଧ ସାମାନ୍ୟ ଆଘାତ ଲାଗିଛି । ୫୪ ବର୍ଷୀୟ ଅଭିନେତାଙ୍କ ମେରୁଦଣ୍ଡରେ ଗମ୍ଭୀର ଆଘାତ ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ଅଛି । ତେବେ ଘଟଣାସ୍ଥଳରୁ ପଳାଇଯାଇଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି । ତାଙ୍କୁ ଧରିବା ପାଇଁ ପୋଲିସ ଦଶଟି ଦଳ ଗଠନ କରିଛି ।

## ଖସିଲା ପାରଦ...

ଚଳିତ ଶୀତ ଋତୁରେ ଶୀତର ଲୁଚକାଳି ଖେଳ ଲାଗିଛି । ପାରଦ ଉପର ତଳ ହେବାରେ ଲାଗିଛି । କେତେବେଳେ ମେଘୁଆ ପାଗ ତ କେତେବେଳେ ବର୍ଷା । ବୁଧବାର ସର୍ବନିମ୍ନ ତାପମାତ୍ରା ୯.୨ଡିଗ୍ରୀ ଥିବା ବେଳେ ଗୁରୁବାର ତାପମାତ୍ରା ଖସିଯିବା ପରେ ଥଣ୍ଡା ସମସ୍ତଙ୍କୁ ବେହାଲ କରିଦେଇଛି । ସହର ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଥଣ୍ଡା ଅନୁଭବ ହେଉଛି । ଥଣ୍ଡା ସାଙ୍ଗକୁ କାଲୁଆ ପବନ ଘାଇଲା କରୁଛି । ଅନ୍ୟ ପକ୍ଷରେ ସ୍ଥାନୀୟ ଅଞ୍ଚଳ କୁହୁଡ଼ିର ଚାଦର ତଳେ ଥିବା ଭଳି ଅନୁଭବ ହେଉଛି । ରାସ୍ତାରେ ଘନ କୁହୁଡ଼ି ଯୋଗୁ ଯାତାୟତରେ ସମସ୍ୟା ଉପୁଜୁଛି । ସମ୍ମୁଖ ରାସ୍ତା ଦେଖାଯାଉ ନଥିବା ଯୋଗୁ ଯାତାୟାତ କରୁଥିବା ଗାଡି ଚାଳକମାନେ ସତର୍କତା ସହ ଗାଡି ଚଳାଚଳ କରୁଥିବା ଦେଖିବାକୁ ମିଳୁଛି । ଦିନରେ ବି ଶୀତର ପ୍ରକୋପ ଅନୁଭୁତ ହେଉଛି ।

## ମହାକୁମ୍ଭ-୨୦୨୫...

ନିକେତନ କୁମ୍ଭମେଳା ଶିବିରରେ ଗୁରୁବାର ଆଶ୍ରମର ଆଧ୍ୟାତ୍ମିକ ମୁଖ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଓ ସାଧ୍ୱୀ ଭଗବତୀ ସରସ୍ୱତୀଙ୍କ ସମେତ ଅନ୍ୟ ଶ୍ରଦ୍ଧାଳୁମାନେ ଏକ ବିଶାଳ ଯଜ୍ଞରେ ଅଂଶଗ୍ରହଣ କରିଥିଲେ ।

# ୧୩ଜଣଙ୍କୁ ବରିଷ୍ଠ ଆଡଭୋକେଟ୍ ଭାବେ ଘୋଷଣା କଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**

୧୯୬୧ ଆଡଭୋକେଟ୍ ଆକ୍ଟର ସେକ୍ସନ ୧୬ର ଆଧାରରେ ଓଡ଼ିଶା ହାଇକୋର୍ଟ ମୁଖ୍ୟବିଚାରପତି ୧୩ଜଣଙ୍କୁ ବରିଷ୍ଠ ଆଡଭୋକେଟ୍ ଭାବେ ଘୋଷଣା କରିଛନ୍ତି । ଏହି ଆଡଭୋକେଟମାନେ ହେଲେ - ସର୍ବଶ୍ରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଅନୁପ କୁମାର ବୋଷ, ବଂଶୀଧର ବାଗ୍, ବିବେକାନନ୍ଦ ଭୂୟାଁ, ଭବାନି ଶଙ୍କର ତ୍ରିପାଠୀ, ସୁଶାନ୍ତ କୁମାର ଦାଶ, କମଳ ବିହାରୀ ପଣ୍ଡା, ଅମିତାଭ ଦାସ, ଦୟାନନ୍ଦ ମହାପାତ୍ର, ଗୋପାଳ କୁମାର ଅଗ୍ରୱାଲା, ବିଜ୍ଞାନ କୁମାର ଶର୍ମା, ବିଭୁ ପ୍ରସାଦ ତ୍ରିପାଠୀ ଏବଂ ଆଦିତ୍ୟା ନାରାୟଣ ଦାସ ।

# ଇସ୍ରୋକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ପେସ ଡକିଂରେ ସଫଳତା ହାସଲ କରି ଭାରତକୁ ବିଶ୍ୱର ଚତୁର୍ଥ ଦେଶ ଭାବେ ପରିଚିତ କରାଇ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭାରତୀୟ ଅନ୍ତରିକ୍ଷ ଗବେଷଣା ସଂସ୍ଥାନ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି । ସୋସିଆଲ ମିଡିଆ ଏକ ପୋଷ୍ଟରେ, ମୁଖ୍ୟମନ୍ତ୍ରୀ ମାଝି ଏହି ଐତିହାସିକ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏହାକୁ 'ସମଗ୍ର ଇସ୍ରୋ ଟିମର କଠୋର ପ୍ରଚେଷ୍ଟା , ସମର୍ପଣ ଓ ଇନୋଭେସନର ପ୍ରମାଣ' ଭାବେ ବର୍ଣ୍ଣନା କରିଛନ୍ତି । ମୁଖ୍ୟମନ୍ତ୍ରୀ ମାଝି କହିଛନ୍ତି, 'ଏହି ଐତିହାସିକ ଉପଲବ୍ଧି ଭାରତର ଅନ୍ତରିକ୍ଷ ଗବେଷଣା ଓ ପ୍ରଯୁକ୍ତିରେ ବୃଦ୍ଧି ଶକ୍ତିକୁ ପ୍ରତିପାଦନ କରୁଛି । ଏହା ପ୍ରତ୍ୟେକ ଭାରତୀୟ ପାଇଁ ଗର୍ବର କ୍ଷଣ ।'

**ପୂର୍ବ ତଟ ରେଳପଥ**
କ୍ୟାଟରିଂ ଷ୍ଟଲ୍ ନିମନ୍ତେ ଇ-ଟେଣ୍ଡର
ଷ୍ଟେସନ ଏବଂ ସ୍ଥାନ: କ୍ର.ସଂ.୧: ବ୍ରହ୍ମପୁର (BAM) PF-୧ (ବିଶାଖାପଟ୍ଟଣମ୍ ଆଡକୁ), କ୍ର.ସଂ.୨ ବ୍ରହ୍ମପୁର(BAM) PF-୨ ଏବଂ ୩ (ବିଶାଖାପଟ୍ଟଣମ୍ ଆଡକୁ), କ୍ର.ସ.୩: ପଲାସା (PSA) PF- ୨ ଏବଂ ୩ (ମଧ୍ୟରେ)
ସଂରକ୍ଷଣ ବର୍ଗ: କ୍ର.ସଂ.୧: SMU (ଲଘୁ ସଂପ୍ରଦାୟ), କ୍ର.ସଂ.୨: SMU (ଶାରୀରିକ ଅକ୍ଷମ), କ୍ର.ସଂ.୩: SMU (ବିପିଏଲ୍)
ନିଲାମ ଆରମ୍ଭ ହେବା ତାରିଖ ଏବଂ ସମୟ : ତା 24.01.2025 ରିଖ 1100 ଘଟିକାରେ (ସମସ୍ତ କ୍ର.ସଂ. ନିମନ୍ତେ)
ଦ୍ରଷ୍ଟବ୍ୟ : ସମ୍ଭାବ୍ୟ ବିଡର ମାନଙ୍କୁ ପରାମର୍ଶ ଦିଆଯାଉଅଛି ଯେ, ସେମାନେ ୱେବସାଇଟ୍: www.ireps.gov.in ପରିଦର୍ଶନ କରନ୍ତୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍ ଏବଂ ଅନ୍ୟାନ୍ୟ ସୂଚନା ସମ୍ବନ୍ଧୀୟ ସମସ୍ତ ବିବରଣୀ ଯାଞ୍ଚ କରନ୍ତୁ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ-୧, ଖୋର୍ଦ୍ଧା ରୋଡ୍
PR-884/P/24-25

# ଜାତି ଭିତ୍ତିକ ଜନଗଣନା ପାଇଁ ଦାବି ରଖିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଠାରେ ଉପସ୍ଥିତ ଥିବା ପାର୍ଲିଆମେଣ୍ଟାରୀ କମିଟି ଅନ୍ ୱେଲଫେୟାର ଅଫ ଓବିସିର ଅଧକ୍ଷ ଗଣେଶ ସିଂଙ୍କୁ ଭେଟି ଜାତିଭିତ୍ତିକ ଜନଗଣନା ଓ ଓଡ଼ିଶାର ଏସ୍ଇବିସିଙ୍କୁ ଜାତୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ଦୃଢ଼ ଦାବୀ ଜଣାଇଛନ୍ତି । ବିଜେଡିର ପ୍ରତିନିଧି ମଣ୍ଡଳୀରେ ଦଳର ବରିଷ୍ଠ ନେତା ଯଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ଼ଃ ଅରୁଣ କୁମାର ସାହୁ, ରାଜ୍ୟସଭା ସଂସଦ ସୁବାଶିଷ ଖୁଣ୍ଟିଆ, ବିଧାୟକ ପ୍ରଶାନ୍ତ ବେହେରା, ସୁଶାନ୍ତ ରାଉତ, ସୌଭିକ ବିଶ୍ୱାଳ, ଧ୍ରୁବ ସାହୁ, ଅନନ୍ତ ନାରାୟଣ ଜେନା, ସାରଦା ପ୍ରସାଦ ଜେନା, ପ୍ରଦୀପ ସାହୁ, ଡ଼ଃ ପ୍ରିୟବ୍ରତ ମାଝୀ ଇତ୍ୟାଦି ଶ୍ରୀ ସିଂଙ୍କୁ ଭେଟି ଏହି ସନ୍ଦର୍ଭରେ ଏକ ସ୍ମାରକ ପତ୍ର ଦେଇଥିଲେ । କମିଟିର ଅଧକ୍ଷଙ୍କୁ ବିଜୁ ଜନତା ଦଳ ତରଫରୁ ପ୍ରଦାନ କରାଯାଇଥିବା ଏକ ସ୍ମାରକ ପତ୍ରରେ ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା ଉପରେ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଛି । ସ୍ମାରକପତ୍ରରେ କୁହାଯାଇଛି, ଏସଇସିସି (ସୋସିଓ ଇକୋନୋମିକ କାଷ୍ଟ ସେନସସ) ୨୦୧୧ରେ ଜାତି ସମ୍ବନ୍ଧରେ ଆବଶକୀୟ ତଥ୍ୟ ସଂଗ୍ରହ ହୋଇ ପାରି ନଥିଲା । ଜାତି ସମ୍ବନ୍ଧରେ ସବିଶେଷ ତଥ୍ୟର ଉପଲବ୍ଧ ନଥିବା ଯୋଗୁଁ, ଅବହେଳିତ ବର୍ଗର ଉତ୍ଥାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ଭବ ହୋଇ ପାରୁ ନାହିଁ । ଜାତିଭିତ୍ତିକ ଜନଗଣନା ମାଧ୍ୟମରେ ପଛୁଆ ବର୍ଗର ଲୋକ ମାନଙ୍କ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ଯଥା ସେମାନଙ୍କ ସାମାଜିକ ସ୍ଥିତି, ରୋଜଗାରର ମାଧ୍ୟମ, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ଉପଲବ୍ଧ ହୋଇ ପାରିବ ।ଏହି ତଥ୍ୟ ଗୁଡିକ ଉପଲବ୍ଧ ହେଲେ, ଅବହେଳିତ ବର୍ଗର ଉତ୍ଥାନ ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସହାୟକ ହେବ । ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା, ସେମାନଙ୍କ ଉନ୍ନତି ପାଇଁ ଆବଶ୍ୟକୀୟ ଅର୍ଥର ବ୍ୟବସ୍ଥା, ସେମାନଙ୍କ ବିକାଶ ପାଇଁ ନୂତନ ନୀତି ନିର୍ଦ୍ଧାରଣ ଇତ୍ୟାଦି କରାଯାଇପାରିବ ବୋଲି ବିଜୁ ଜନତା ଦଳ ତରଫରୁ ସ୍ମାରକପତ୍ରରେ କୁହାଯାଇଛି । ଏହା ଛଡା ଓଡ଼ିଶାର ଏସ୍ଇବିସି ତାଲିକାକୁ ଦେଶର ଓବିସି ତାଲିକାରେ ସାମିଲ କରିବାକୁ ସ୍ମାରକ ପତ୍ରରେ ଦାବୀ କରାଯାଇଛି ।

## ସୋନପୁର ଗ୍ରାମରେ ବନବିଭାଗର ୧୩ଘଣ୍ଟା ଚଢ଼ଉ

# ଲକ୍ଷାଧିକ ଟଙ୍କାର କାଠ ଗଣ୍ଡି ସହ ସାମଗ୍ରୀ ଜବତ

**ରାଇଘର, ନ୍ୟୁଜ ବ୍ୟୁରୋ**



ସୋନପୁର ଡିଏନକେ ଗାଁରେ ଛତିଶଗଡ଼ ଓ ଓଡିଶା ବନବିଭାଗର ମିଳିତ ଚଢ଼ଉରେ ଜବତହେଲା ଲକ୍ଷାଧିକ ଟଙ୍କାର କାଠ ଗଣ୍ଡି ଓ କାଠରେ ନିର୍ମିତ ସାମଗ୍ରୀ । ବୁଧବାର ରାତି ୧୦ଟାରୁ ବନବିଭାଗ ଆରମ୍ଭ କରିଥିଲା ଚଢ଼ଉ । ପ୍ରଥମେ ସୋନପୁର ଗାଁର ସମସ୍ତ ରାସ୍ତା ଗୁଡିକୁ ସିଲ କରିବା ପରେ ଆରମ୍ଭ କଲେ ଚଢ଼ଉ । ବିଳମ୍ବିତ ରାତିରେ ଛତିଶଗଡ଼ରୁ ଓଡିଶା ସୋନପୁରକୁ ଆସୁଥିବା କାଠ ଗଣ୍ଡି ବୋଝେଇ ଏକ ପିକ ଅପ ଭ୍ୟାନ ଯାହାର ନମ୍ବର ଓ ଆର ୨୪ଏ ୦୪୦୭ ଏବଂ ଦୁଇଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ବନ ବିଭାଗ । ସେହିଭଳି ଗୁରୁବାର ସୋନପୁର ଗ୍ରାମରେ ଚଢ଼ଉ କରାଯାଇ ବିପୁଳ ପରିମାଣର କାଠ ଓ କାଠ ସାମଗ୍ରୀ ଜବତ କରାଯାଇଛି ସେଥିରେ ନିର୍ମାଣଧୀନ ପଲଙ୍କ, ସୋଫା, ଡାଇନିଂ ଟେବୁଲ ଭଳି ସାମଗ୍ରୀ ମାନ ଏବଂ ବର୍ତ୍ତମାନ ସୁଦ୍ଧା ଧରା ଯାଇଥିବା କାଠର ସଠିକ ମୂଲ୍ୟ କେତେ ଆକଳନ କରାଯାଇନଥିବା ବେଳେ ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ସୂଚନା ଦେଇଛନ୍ତି ଡିଏଫଓ ସୁଭେନ୍ଦୁ ପ୍ରସାଦ ବେହେରା । ଏହି ଚଢଉରେ ନବରଙ୍ଗପୁର ଡିଏଫ୍ଓଙ୍କ ନେତୃତ୍ୱରେ ନବରଙ୍ଗପୁର ଏସିଏଫ୍ଓ ସୁବାସ ଖୁଣ୍ଟିଆ ସମେତ ଜିଲ୍ଲାର ୬ଟି ରେଞ୍ଜ ନବରଙ୍ଗପୁର, ଝରୀଗାଁ, ଉମରକୋଟ, କୋଡୀଙ୍ଗା, ଡାବୁଗାଁ, ରାଇଘରର ୧୦୦ଜଣ କର୍ମଚାରୀ ଯୋଗ ଦେଇଥିଲେ । ସେହିପରି ଛତିଶଗଡ଼ ବନବିଭାଗର ଏସିଏଫ ଗୋପାଳ କଷ୍ଯପ, ତୋରେଙ୍ଗା ରେଞ୍ଜର ରାକେଶ ସିଂ ପରିହାର, ଇନ୍ଦାଗାଓଁ ରେଞ୍ଜର ସୁଶୀଲ ସାଗର, ଉଦନ୍ତି ରେଞ୍ଜର ସୋନୀ, ଆର୍ସିକେନହର ରେଞ୍ଜର ଶୈଳେଶ ସିଂ ବାଘେଲ, ରିସଗାଓଁ ରେଞ୍ଜର ପ୍ରତିଭା ମେସରମ ପ୍ରମୁଖ ସାମିଲ ଥିଲେ । ପ୍ରକାଶ ଥାଉକି ୧୮ଜଣଙ୍କ ଘର ଉପରେ ଚଢ଼ଉ ହୋଇଥିବାବେଳେ ଦୁଇ ଜଣଙ୍କୁ ପ୍ରଶାନ୍ତ ବିଶ୍ୱାସ ଓ ବିଜୟ ଗଣ୍ଡଙ୍କୁ ଜାମିନରେ ଛଡାଯାଇଥିବା ସୂଚନା ମିଳିଛି । ରାତି ହୋଇଯାଇଥିବାରୁ ଶୁକ୍ରବାର ସଠିକ ତଥ୍ୟ ମିଳିବା ନେଇ ବିଭାଗ ପ୍ରକାଶ କରିଛି ।

# ଚାଷୀଙ୍କ ହିତରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ : ଅଢେଇ ମାସ ମଧ୍ୟରେ ପ୍ରାୟ ସାଢେ ୬ ଲକ୍ଷ କଲ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଯୋଗ୍ୟ ଚାଷୀ ଯେଭଳି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ନହୁଅନ୍ତି ଏଥି ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି । ଧାନ ସଂଗ୍ରହ ସମୟରେ କୌଣସି ଅନିୟମିତତାର ଅଭିଯୋଗ ଆସିଲେ ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିସରରେ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ଚାଷୀ ମାନଙ୍କ ସ୍ୱାର୍ଥ ସାଧନ ଓ ସେମାନଙ୍କୁ ସର୍ବାଧିକ ଲାଭ ଦେବା ଲକ୍ଷ୍ୟ ନେଇ ଏହି କକ୍ଷ କାର୍ଯ୍ୟକ୍ଷମ ହୋଇଛି । ଏହାଦ୍ୱାରା ଧାନ ବିକ୍ରୟ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ଚାଷୀ ମାନେ ତୁରନ୍ତ ସେମାନଙ୍କ ଅଭିଯୋଗ ଏହି କକ୍ଷ ମାଧ୍ୟମରେ କରିପାରୁଛନ୍ତି । ଯାହାଦ୍ୱାରା ସମ୍ପୃକ୍ତ ସମସ୍ୟାର ସମାଧାନ କରାଯାଇ ପାରୁଛି । ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନେ ନିଯୁକ୍ତ ହୋଇ ଧାନକିଣା ପ୍ରକ୍ରିୟା ତଦାରଖ କରୁଛନ୍ତି । କୌଣସି ଅଭିଯୋଗ ଥିଲେ ଟୋଲଫ୍ରି ନଂ ୧୯୬୭ ମାଧ୍ୟମରେ ଯୋଗାଯୋଗ କରାଯାଇପାରୁଛି । ବର୍ତ୍ତମାନ ଏହି ଟୋଲ ଫ୍ରି ନମ୍ବର ମାଧ୍ୟମରେ ଏକ ଲକ୍ଷ ୪୧୭୮ଟି ଇନକମିଙ୍ଗ କଲ ରହିଛି । ଏଥିରେ ସର୍ବାଧିକ ପ୍ରାୟ ୯୦ ହଜାର କଲ ଟୋକାନ ସମ୍ବନ୍ଧୀୟ ରହିଛି । ସେହିଭଳି ଏହି କେନ୍ଦ୍ରରୁ ଏକ ଲକ୍ଷ ୧୨ ହଜାର ୧୧ଟି କଲ ଆଉଟଗୋଇଙ୍ଗ କଲ ରହିଛି । ଏଥିମଧ୍ୟରେ ପ୍ରାୟ ୭୦ ହଜାର ଚାଷୀଙ୍କ ମତାମତ ଓ ୩୯ ହଜାର କଲ ଭାଗଚାଷୀ ଯାଞ୍ଚ ସମ୍ପର୍କିତ କଲ ରହିଛି । ସେହିଭଳି ଇଣ୍ଟରଆକ୍ଟିଭ ଭଏସ ରେସପନ୍ସ ସିଷ୍ଟମ ମାଧ୍ୟମରେ ମଧ ୪ଲକ୍ଷ ୨୯ ହଜାର ୬୫୦ଟି କଲ କରାଯାଇଛି । ଏଥିମଧ୍ୟରେ ପ୍ରାୟ ୩ଲକ୍ଷ ୧୫ ହଜାର କଲ କେବଳ ଟୋକନ ସମ୍ପର୍କରେ କରାଯାଇଥିବା ଜଣାପଡିଛି । ଏହିଭଳି ଭାବେ ପ୍ରାୟ ସାଢେ ୬ ଲକ୍ଷ କଲ କରାଯାଇଛି । ସୂଚନାଯୋଗ୍ୟ, ଏହି ତଥ୍ୟ ଗତ ଅଢେଇ ମାସ ଅର୍ଥାତ ଗତ ନଭେମ୍ବର ପହିଲାରୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ମଧ୍ୟରେ ରହିଛି । ଏହି କକ୍ଷ ଉଭୟ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ବେଳେ ଉପଲବ୍ଧ ରହିବ ।

ଭୁବନେଶ୍ୱର
୧୭ ଜାନୁଆରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ରସିକେଷୁ...



ସ୍ତ୍ରୀଙ୍କ ଠାରୁ ଦୂରରେ ରହି ଚାକିରି କରୁଥିବା ଜଣେ ରସିକ ଯୁବସ୍ୱାମୀ ଦରମା ପାଇବାରେ ବିଳମ୍ବ ହେବାରୁ ମଜାରେ ମଜାରେ ସ୍ତ୍ରୀଙ୍କୁ ଚିଠିଟିଏ ଦେଲେ। ସେଥିରେ ସେ ଲେଖିଥିଲେ- ଏ ମାସରେ ଦରମା ପାଇବାକୁ ଡେରି ହେବ। ତେଣୁ ଦରମା ବଦଳରେ ତମ ପାଖକୁ ୧୦୦ଟି ଚୁମା ପଠେଇଛି। ଦେଖିକି ଖର୍ଚ୍ଚ କରିବ।

ସ୍ତ୍ରୀ ମଧ୍ୟ ଥିଲେ ସୁରସିକା । ସେ ଚିଠିର ଜବାବ ନିମ୍ନପ୍ରକାରେ ଦେଲେ।

ପ୍ରିୟତମ,

◆ ତମେ ପଠାଇଥିବା ୧୦୦ଟି ଚୁମା ମୁଁ ପାଇଛି। ଆଜିଯାଏ ଯାହା ଯାହା ଖର୍ଚ୍ଚ କରିଛି ତା'ର ହିସାବ ଦେଲି-

◆ କ୍ଷୀରବାଲାକୁ ୨ଟି ଚୁମା ଦେଇ ମନେଇନେଲି।

◆ ପୁଅର ଟିଉସନ୍ ସାର୍‌ଙ୍କୁ ୬ଟି ଦେଲି। ସେ ଅସନ୍ତୁଷ୍ଟ ହେବାରୁ ତାଙ୍କୁ ଆଉ ଦୁଇଟି ଦେଲି। ତଥାପି ଶେଷ ସପ୍ତାହରେ ଆଉ ଯୋଡ଼ିଏ ମାଗିଛନ୍ତି।

◆ ପରିବାଦୋକାନୀ ୭ଟିରେ ଖୁସି ହୋଇଗଲା। ଏ ମାସକଯାକର ପରିବା ଦେବାକୁ ପୁରାପୂରି ରାଜି।

◆ ଗ୍ରୋସରୀ ଦୋକାନୀ ଏବେ ନୂଆ ବାହା ହୋଇଛି। ପ୍ରଥମେ ଅମଙ୍ଗ ହେଉଥିଲା। ମାତ୍ର ଦୁଇଦିନ ତଳେ ତା'ସ୍ତ୍ରୀ ତିନିଦିନ ପାଇଁ ବାପଘରକୁ ଚାଲିଯିବାରୁ କହିଲା-ସ୍ତ୍ରୀ ଫେରିବା ଯାଏ ସେ ପ୍ରତିଦିନ ୨ଟି କରି ନେବ। ଆଜି ଦ୍ୱିତୀୟ କିସ୍ତି।

◆ ଘର ମାଲିକ ପ୍ରତିଦିନ ଦୁଇଟି/ତିନୋଟି ଲେଖା ନେଉଛନ୍ତି। ତେବେ ସେଥିରେ ସେ ସନ୍ତୁଷ୍ଟ ନୁହନ୍ତି। ତାଙ୍କୁ ଅନ୍ୟ କିଛି ଦେବାକୁ ହେବ। ତେବେ ଚିନ୍ତାରେ ପଡ଼ିଛି ଚାକର ଟୋକା ପାଇଁ। ଜ୍ୱର ପରେ ତା ମୁହଁରେ କ'ଣ ସବୁ ଫଳିଯାଇଛି। ତମେ ଆଦୌ ଚିନ୍ତା କରିବନି। ମୋ ପାଖରେ ପାଖାପାଖି ଆହୁରି ୭୦ଟା ବଳିଛି। ଏ ମାସଟା ଆରାମ୍‌ସେ ଚଳିଯିବ।





ଭୁବନେଶ୍ୱର : ଆଦିବାସୀ ମେଳାର ଶେଷ ଦିବସରେ ଗ୍ରାହକ ଓ ଦର୍ଶକମାନଙ୍କ ପ୍ରବଳ ଭିଡ। (ଫଟୋ : ସମ୍ବାଦ କଳିକା)

### ସିଏମ୍‌ସିକୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

# ବନ୍ଦ ହେବ କଟକରେ ଥିବା ୨ଟି ମାଇନର କମ୍ପୋଷ୍ଟ ସେଣ୍ଟର

**କଟକ ୧୬।୧ ନ୍ୟୁଜ ବ୍ୟୁରୋ**

ମନଇଚ୍ଛା କମ୍ପୋଷ୍ଟ ସେଣ୍ଟର ତିଆରି କରି ଅଡୁଆରେ ପଡ଼ିଛି ସିଏମସି ପ୍ରଶାସନ । କଟକ ସହରରେ ଥିବା ୧୩ଟି ମାଇନର କମ୍ପୋଷ୍ଟ ସେଣ୍ଟର ମଧ୍ୟରୁ ୨ଟି ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ତେଲେଙ୍ଗା ବଜାର ସ୍ଥିତ ରଘୁନାଥଜୀଉ ମନ୍ଦିର ପଛରେ ଥିବା ଏମ୍‌ସିସି ଏବଂ ସତୀଚଉରା ଏମ୍‌ସିସିରେ ଶୁକ୍ରବାର ଠାରୁ ଆଉ ଆବର୍ଜନା ନପକାଇବା ଲାଗି ସିଏମସିକୁ ନିର୍ଦ୍ଦେଶ ହୋଇଛି । ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ପାଇଁ କଟକ ମହାନଗର ନିଗମ ପକ୍ଷରୁ ସହର ଭିତରେ ୧୩ଟି ଏମ୍‌ସିସି ଗଠନ କରାଯାଇଛି। କିନ୍ତୁ ଅନେକ ସ୍ଥାନରେ ଏମ୍‌ସିସି ଯୋଗୁଁ ଜନଜୀବନ ଖୁବ୍ ପ୍ରଭାବିତ ହେଉଛି। ଏମ୍‌ସିସିରୁ ଉପୁଜୁଥିବା



ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟହାନୀ ହେଉଛି। ତେବେ ବିକଳ୍ପ ବ୍ୟବସ୍ଥା କରିବା ଲାଗି ସିଏମସି କର୍ତ୍ତୃପକ୍ଷ ମହଲତ ଲୋଡ଼ିଛନ୍ତି । ଯାହାକୁ ମଞ୍ଜୁରୀ ଦେଇଛନ୍ତି ହାଇକୋର୍ଟ । କିନ୍ତୁ ଶୁକ୍ରବାର ଠାରୁ ଏହି ୨ଟି ଏମ୍‌ସିସିରେ ଆଉ ଆବର୍ଜନା ପଡ଼ିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ବିଏମ୍‌ସିର ହ୍ୱାଟ୍ସଆପ୍ ଚାର୍ଟବୋଟ୍

## ନାଗରିକଙ୍କ ସମସ୍ତ ସମସ୍ୟାର ହେବ ସହଜ ସମାଧାନ : ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୬/୧**
**ନ୍ୟୁଜ ବ୍ୟୁରୋ**

ମୋବାଇଲ ହ୍ୱାଟ୍ସ ଆପ୍ ଚାର୍ଟବୋଟ୍ ଜରିଆରେ ଏଣିକି ନାଗରିକମାନେ ହୋଲ୍ଡିଂ ଟାକ୍ସ, ଘର ଭଡା, ଦୋକାନ ଘର ଭଡା, ଆଦି ସମସ୍ତ ଟାକ୍ସ ପୈଠ କରିବା ସହ ବିଭିନ୍ନ ସମସ୍ୟା ମଧ୍ୟ ଉପସ୍ଥାପନ କରିପାରିବେ । ଏଥିପାଇଁ ଗୁରୁବାର ଇଣ୍ଡସଇଣ୍ଡ ବ୍ୟାଙ୍କ ସହ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ହ୍ୱାଟ୍ସଆପ୍ ଚାର୍ଟବୋଟ୍ ଦ୍ୱାରା ପ୍ରସ୍ତୁତ ଏହି ସଫ୍ଟୱେୟାରରେ ନାଗରିକମାନେ ନିଜ ଘର କିମ୍ବା ଦୋକାନର ହୋଲ୍ଡିଂ ନମ୍ବର ଲେଖିଥିଲେ, ଆପେ ଆପେ ତାଙ୍କର ସମସ୍ତ ତଥ୍ୟ ବାହାରି ପଡିବ । କେତେ ଦିନ ହେଲା ଟାକ୍ସ ବା ଭଡା ଦେଇ ନାହାଁନ୍ତି, କେତେ ଟଙ୍କା ଦେବାକୁ ହେଉଛି, କାହା ପାଖକୁ ପଠାଇବାକୁ ପଡିବ ଆଦି ଘରର ସମସ୍ତ ତଥ୍ୟ ବାହାରି ପଡିବ । ତେଣୁ ନାଗରିକଙ୍କୁ ଆଉ ବାରମ୍ବାର ୱାର୍ଡ ଅଫିସ କିମ୍ବା ବିଏମ୍ସି ମୁଖ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ । ସେହିପରି ଭେଣ୍ଡିଂ ଜୋନ୍, ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ, ମାର୍କେଟ୍ ଆଦି ପରିଚାଳନା ଓ ଟାକ୍ସ ବା ଭଡା ଆଦାୟ ପାଇଁ ଏମରଟେକ୍ ଆର୍‌ଏନ୍‌ଡି ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଏକ ସଫ୍ଟୱେୟାର ପ୍ରସ୍ତୁତ କରାଯାଉଛି । ଏହା ମଧ୍ୟ ସେହି ହ୍ୱାଟ୍ସଆପ୍ ଚାର୍ଟବୋଟରେ ରହିବ । ଅର୍ଥାତ୍ ମୋବାଇଲରେ ଭୁବନେଶ୍ୱର ମହାନଗର ନିଗମର ନାଗରିକମାନେ ନିଜ ଟିପରେ ସମସ୍ତ ସମସ୍ୟାର ସମାଧାନ କରିପାରିବେ ବୋଲି କହିଛନ୍ତି ମେୟର । ବୁଝାମଣା ପତ୍ର ସ୍ୱାକ୍ଷରିତ ଉପଲକ୍ଷେ ବିଏମ୍‌ସି ଏକାମ୍ର ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ କର୍ପୋରେଟରଙ୍କ ସହ ବିଏମ୍‌ସି ପକ୍ଷରୁ ମେୟର ଶ୍ରୀମତୀ ସୁଲୋଚନା ଦାସ, କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ । ସେହିପରି ଇଣ୍ଡସଇଣ୍ଡ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କର ରାଜ୍ୟ ମୁଖ୍ୟ ଅରୂପ ମହାପାତ୍ର, ଆଞ୍ଚଳିକ ମୁଖ୍ୟ ପ୍ରଶାନ୍ତ ଗୌଡ, ରାଜ୍ୟ ବୈଷୟିକ ମୁଖ୍ୟ ଶୁଭାଶିଷ ସାହୁ, ଏମରଟେକ୍ ସଲ୍ୟୁସନର ମୁଖ୍ୟ ସନ୍ତୋଷ ରେଡ୍ଡୀଙ୍କ ସହ ବ୍ୟାଙ୍କର ଭାଇସ୍ ପ୍ରେସିଡେଣ୍ଟ ଶୁଭକାନ୍ତ ଶତପଥୀ ଓ ଦେବକାନ୍ତ ସାମଲଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି ।

# ଆଜିଠୁ ଶିମିଳିପାଳ ଜଗିବେ ପୋଲିସ ଫୋର୍ସ




**ବାରିପଦା,୧୬।୧ ନ୍ୟୁଜ ବ୍ୟୁରୋ**

ଶିମିଳିପାଳରେ ଶୁକ୍ରବାରଠାରୁ ନିୟୋଜିତ ହେବେ ପୋଲିସ ଫୋର୍ସ। ପ୍ରାଥମିକ ପର୍ଯ୍ୟାୟରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଜଏଣ୍ଟ ଟାସ୍କଫୋର୍ସ ସହ ମିଶି ପାଟ୍ରୋଲିଂ କରିବା ସହିତ ଫୋର୍ସ ରେଡ୍ କରିବେ ବୋଲି ସୂଚନା ଦେଇଛନ୍ତି ମୟୂରଭଞ୍ଜ ଏସ୍‌ପି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର) ପ୍ରକଳ୍ପରେ ଏକ କଳାବାଘର ହତ୍ୟା ପରେ ତତ୍ପର ହୋଇଛି ପ୍ରଶାସନ। ଶିକାରୀ ଏବଂ ବନ୍ୟପ୍ରାଣୀ ସାମଗ୍ରୀର ଅବୈଧ ବ୍ୟବସାୟୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା କଳାବାଘ ଚମଡ଼ା ଓ ନଖକୁ ଜବତ କରାଯିବା ସହିତ ଘଟଣାରେ ଜଡ଼ିତ ୪ଜଣ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଞ୍ଚଳ ତେନ୍ତଲା ଗ୍ରାମର ଅଜମ୍ବର ନାୟକ ଓରଫ୍ ଫାଟୁ, ପୀତାମ୍ବର ନାୟକ ଓରଫ୍ ଡାକ୍ତର, ରାମା ନାୟକ ଓରଫ୍ ଥାଲୁ ଓ ପାଟସାଣିପୁର ଅନ୍ତର୍ଗତ ବାଲିଘାଟର ବାଇରାମ ମୁର୍ମୁ ଓରଫ୍ ଡୁଡ଼ିବାବା ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି। ଶିମିଳିପାଳ କ୍ଷେତ୍ର ଅଧୀନ ଡୁକୁରା ବନ୍ୟପ୍ରାଣୀ ବନାଞ୍ଚଳ ଉଦଳା ଥାନା ଅଧୀନ ତେନ୍ତୁଲା ଓ ବାଲିଘାଟ ଅଞ୍ଚଳରେ କଳାବାଘ ଚମଡ଼ା ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନବିଭାଗ ଜାଣିବାକୁ ପାଇଥିଲା । ଏସ୍‌ଟିଆରର ଦକ୍ଷିଣ-ପଶ୍ଚିମ ଲ୍ୟାଣ୍ଡ ଡିଭିଜନର ସ୍ୱତନ୍ତ୍ର ପ୍ରବର୍ତ୍ତନ ଶାଖା ପକ୍ଷରୁ ଚଢଉ କରାଯାଇଥିଲା। ପୃଥକ୍ ଭାବେ ଚଢଉ କରି ୪ଜଣ ଶିକାରୀଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇଛି । ପୂର୍ବରୁ ବାଘ ନଖ ଓ ଦାନ୍ତ ଜବତ ସହିତ ୨ଜଣ ଶିକାରୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଏହି ସଫଳତା ମିଳିଛି । ତେବେ ଘଟଣାର ମାଷ୍ଟରମାଇଣ୍ଡ ଫେରାର ରହିଛନ୍ତି। ରାଜ୍ୟସ୍ତରୀୟ ଯୁଗ୍ମ କାର୍ଯ୍ୟ ବାହିନୀ ଉପରୋକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତରେ ଶିମିଳିପାଳ ଦଳକୁ ସମର୍ଥନ କରିଛି।

# ଚିଲିକାରେ ହେବ ପକ୍ଷୀ ଓ ଡଲଫିନ୍ ଗଣନା

**ଟାଙ୍ଗୀ, ୧୬।୧ ନ୍ୟୁଜ ବ୍ୟୁରୋ**

ଚିଲିକାରେ ହେବ ପକ୍ଷୀ ଓ ଡଲଫିନ୍ ଗଣନା । ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଗଣନା କାର୍ଯ୍ୟ ହେବ । ଗୋଟିଏ ଦିନରେ ସରିବ ପକ୍ଷୀ ଗଣନା । କିନ୍ତୁ ୩ ଦିନ ଧରି ହେବ ଡଲଫିନ୍ ଗଣନା। ଶୁକ୍ରବାର ପକ୍ଷୀ ଗଣନା ପାଇଁ ଟ୍ରେନିଂ କ୍ୟାମ୍ପ ହେବ । ଶନିବାର ହେବ ପକ୍ଷୀ ଗଣନା । ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧିନରେ ଥିବା ୫ ଟି ରେଞ୍ଜ ଟାଙ୍ଗୀ ବାଲୁଗାଁ, ସାତପଡ଼ା, ନୂଆପଡ଼ା, ରମ୍ଭା ବନ୍ୟପ୍ରାଣୀ ବିଭାଗର ଚିଲିକା ଏରିଆରେ ହେବ ପକ୍ଷୀଙ୍କ ଗଣନା କାର୍ଯ୍ୟ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଚିଲିକାକୁ କେତେ ସଂଖ୍ୟକ ଦେଶୀ-ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି ତାହାର ଟିକ୍ ନିଖ୍ ହିସାବ କରିବ ଚିଲିକା ବନ୍ୟପ୍ରାଣୀ ବିଭାଗ । ସେହିପରି ଚିଲିକାରେ କେତେ



ସଂଖ୍ୟକ ଡଲଫିନ୍ ଅଛନ୍ତି ତାହାର ଗୋଟି ଗୋଟି କରି ଗଣତି କରିବ ଚିଲିକା ବନ୍ୟପ୍ରାଣୀ ବିଭାଗ । ସେଥିପାଇଁ ରବିବାର ଡଲଫିନ୍ ଗଣନା ପାଇଁ ହେବ ଟ୍ରେନିଂ କ୍ୟାମ୍ପ । ସୋମବାର, ମଙ୍ଗଳବାର ଓ ବୁଧବାର ଅର୍ଥାତ ୩ ଦିନ ଧରି ହେବ ଡଲଫିନ୍ ଗଣନା । ବିଶେଷଜ୍ଞ, ଗବେଷକ, ରିସର୍ଚ୍ଚ ପର୍ସନ ଓ ଟୁରିଷ୍ଟ ଗାଇଡ୍, ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ଏହି ଗଣନା କାର୍ଯ୍ୟରେ ସାମିଲ ହେଉଛନ୍ତି। ପାଗ ଅନୁକୂଳ ରହିଲେ ପକ୍ଷୀ ଓ ଡଲଫିନ୍ ଗଣନା କାର୍ଯ୍ୟ ସୁରୁଖୁରୁରେ ହୋଇ ପାରିବ ବୋଲି ଚିଲିକା ବନ୍ୟପ୍ରାଣୀ ଡିଭିଜନର ଡିଏଫଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି।

## ଦକ୍ଷତା ବିକାଶ ନେଇ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କ ସହ ହିମାଚଳ ପ୍ରଦେଶର ଶିକ୍ଷା ମନ୍ତ୍ରୀଙ୍କ ସୌଜନ୍ୟମୂଳକ ଆଲୋଚନା

**ଭୁବନେଶ୍ୱର, ୧୬/୧**
**ନ୍ୟୁଜ ବ୍ୟୁରୋ**



ଗୁରୁବାର ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ରାଜେଶ ଧର୍ମାନୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଲୋକସେବା ଭବନସ୍ଥ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉତ୍ତରୀୟ ଓ କୋଣାର୍କଚକ୍ରର ସ୍ମାରକ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଧର୍ମାନୀ ବିଶ୍ୱ ଦକ୍ଷତା କେନ୍ଦ୍ର, ବୈଷୟିକ ଶିକ୍ଷା ବିଭାଗ ପରିଦର୍ଶନ କରିଥିଲେ। ଇଂଜିନିୟରିଂ ଛାତ୍ରଛାତ୍ରୀମାନେ ଟ୍ରେନିଂ ପ୍ଲେସ୍‌ମେଣ୍ଟରେ ଦେଶବିଦେଶରେ ନିଯୁକ୍ତି ପାଇଥିବା ଜାଣି ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କର ଉନ୍ନତି କାମନା କରିଥିଲେ। ଭବିଷ୍ୟତରେ ଓଡ଼ିଶାକୁ ରୋଲ୍ ମଡେଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶା ପ୍ରକଟ କରିଥିଲେ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଧର୍ମାନୀଙ୍କୁ ଅବଗତ କରାଇଥିଲେ । ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଅକ୍ଷୟ ସୁଦ୍‌ଙ୍କ ସମେତ ହିମାଚଳ ପ୍ରଦେଶର ବିଭାଗୀୟ କର୍ମକର୍ତ୍ତା ଓ ଅଧିକାରୀବୃନ୍ଦ ଏହି ସାକ୍ଷାତ ଆଲୋଚନା ସମୟରେ ଉପସ୍ଥିତ ଥିଲେ।

# ମାଟିରେ ମିଶିବ ଶ୍ରୀ ବୈକୁଣ୍ଠଧାମ : ଆଜି ବୁଲ୍‌ଡୋଜର ଚଢ଼ାଇବାକୁ ବିଡିଏର ଘୋଷଣା

**ଭୁବନେଶ୍ୱର ୧୬/୦୧**
**ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ମାଟିରେ ମିଶିବ ଖଣ୍ଡଗିରି ଶ୍ରୀ ବୈକୁଣ୍ଠଧାମ। ପ୍ରାୟ ୧୪୦ ଡିସିମିଲ ସରକାରୀ ଜାଗାକୁ କବ୍‌ଜାକୁ ମୁକ୍ତ କରିବ ବିଡିଏ। ଏନେଇ ଗୁରୁବାର ମାଇକ ଯୋଗେ ବିଧିବଦ୍ଧ ଭାବେ ବିଡ଼ିଏ ପକ୍ଷରୁ ଘୋଷଣା କରାଯାଇଛି। ସରକାରୀ ଜମିରେ ବେନିୟମ ଭାବେ ବୈକୁଣ୍ଠ ଧାମ ତିଆରି ହୋଇଥିବା ବିଡ଼ିଏ ପକ୍ଷରୁ କୁହାଯାଇଛି। ତୁରନ୍ତ ସେ ସ୍ଥାନ ଛାଡି ଯିବାକୁ ପରାମର୍ଶ ଦିଆଯାଇଛି। ନଚେତ୍ ଉଚ୍ଛେଦ ସମୟରେ କୌଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ସରକାର ଏବଂ ବିଡ଼ିଏ ଦାୟୀ ରହିବେ ନାହିଁ ବୋଲି ଘୋଷଣା କରାଯାଇଛି। ଦିନ ୧୨ଟା ସୁଦ୍ଧା ଉଚ୍ଛେଦ ଶେଷ କରିବାକୁ ଲକ୍ଷ୍ୟ ରଖା ଯାଇଥିବା ଘୋଷଣା କରାଯାଇଛି। ଗତ ନଭେମ୍ବର ୧୮ ତାରିଖରେ ସାଧାରଣ ପ୍ରଶାସନ, ବିଡିଏ ଓ ଭୁବନେଶ୍ୱର ତହସିଲର ମିଳିତ ଟିମ୍ ଶ୍ରୀବୈକୁଣ୍ଠଧାମ ଆଶ୍ରମରେ ୨ ଘଣ୍ଟା ଧରି ମାପଚୁପ କରିଥିଲା । ପାଖାପାଖି ୮ କୋଟି ଟଙ୍କା ମୂଲ୍ୟର ସରକାରୀ ଜମିରେ ବେଆଇନ୍ ମଣ୍ଡପ, କୋଠା ଆଉ ରୋଷଶାଳା ନିର୍ମାଣ ହୋଇଥିବା ଦର୍ଶାଇଥିଲା। ଏ ସମ୍ପର୍କରେ




ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଲା। ତଥାପି ୩ ଦିନ ଧରି ଚୁପ ବସିରହିଲା ବିଡିଏ। ନଭେମ୍ବର ୨୧ ଅପରାହ୍ଣରେ ବିଡିଏ କାର୍ଯ୍ୟାଳୟରେ ଆୟୋଜିତ ଉଚ୍ଚସ୍ତରୀୟ କମିଟି ବୈଠକରେ ସାଧାରଣ ପ୍ରଶାସନ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଅଧିକାରୀ, ଜୋନାଲ କମିଶନର, ପୁଲିସ ଅଧିକାରୀ ଆଶ୍ରମ ଭାଙ୍ଗିବା ନେଇ ଢେର ସମୟ ଧରି ବିଚାରବିମର୍ଶ କଲେ । ନିଷ୍ପତ୍ତି ନିଆଗଲା ଯେ, ଘାଟିକିଆ ମୌଜାର ଖାତା ନଂ ୨୩୩୯ (ଜିଏଡି)ର ପ୍ଲଟ୍ ନଂ ୯୦୩୭ ଓ ୯୦୩୮ 'ପତିତ' କିସମର ଜମିରେ ଗଢ଼ିଉଠିଥିବା ସାମ୍ରାଜ୍ୟକୁ ଭଙ୍ଗାଯିବ। ତା' ପୂର୍ବରୁ ଆଶ୍ରମକୁ ନୋଟିସ୍ ଜାରି କରାଗଲା । ଆଶ୍ରମରୁ ଜିନିଷପତ୍ର ଖାଲି କରିବାକୁ ମାଇକ୍ ମାଧ୍ୟମରେ ଘୋଷଣା ହେଲା । ଉଚ୍ଛେଦର ଠିକ୍ ଦିନକ ପୂର୍ବରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆଶ୍ରମ କର୍ତ୍ତୃପକ୍ଷ । ମିଥ୍ୟା ସତ୍ୟପାଠ ଦାଖଲ କରିଥିଲେ । ଏହା ଏକ ଯୋଗାସନ ଶିକ୍ଷାକେନ୍ଦ୍ର ବୋଲି ସତ୍ୟପାଠ ଦାଖଲ କରିଥିଲେ । ୨୦୨୨ରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଲେଖାଯାଇଥିବା ଚିଠିକୁ ଦାଖଲ କରାଯାଇଥିଲା । ଉକ୍ତ ଚିଠିରେ ଗଣଶିକ୍ଷା ବିଭାଗ ଏହି ଜମିକୁ ଟ୍ରଷ୍ଟ ନାମରେ କରିବା ଲାଗି ସୁପାରିଶ କରିଥିବା ଦର୍ଶାଯାଇଥିଲା । ହାଇକୋର୍ଟ ମଧ୍ୟ ବିଡିଏର ଉଚ୍ଛେଦ ଉପରେ ରହିତାଦେଶ ଜାରି କରିଥିଲେ । ହାଇକୋର୍ଟ ସାଧାରଣ ପ୍ରଶାସନ ବିଭାଗକୁ ଜବାବ୍ ମାଗିବା ପରେ ଆଶ୍ରମର ଜାଲିଆତି ଜଣାପଡ଼ିଥିଲା । ଗତ ୧୦ ତାରିଖରେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବି.ପି ରାଉତରାୟ ଉଚ୍ଛେଦ ରହିତାଦେଶକୁ ହଟାଇଥିଲେ।

# ସହଦେବ ହତ୍ୟା ଘଟଣା : ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ବିଏମସିକୁ ଚିଠି ଲେଖିଲା ପୋଲିସ

**ଭୁବନେଶ୍ୱର,୧୬।୧**
**ନ୍ୟୁଜ ବ୍ୟୁରୋ**

ସହଦେବ ନାୟକ ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ଯୋଜନା କରିଛି। ହତ୍ୟା ଅଭିଯୁକ୍ତଙ୍କ ଘର ଭାଙ୍ଗିବ କମିଶନରେଟ ପୋଲିସ। ଘର ଭାଙ୍ଗିବାକୁ ବିଏମସିକୁ ଚିଠି ଲେଖିଛି କମିଶନରେଟ ପୋଲିସ। ସରକାରୀ ଜାଗାରେ ଘର କରି ଅପରାଧ ଘଟାଉଥିବାରୁ ଏଭଳି ନିଷ୍ପତ୍ତି ନେଇଛି ପୋଲିସ । ଗତ ୮ ତାରିଖରେ ରସୁଲଗଡ଼ ଓଭରବ୍ରିଜ୍ ଉପରେ ସହଦେବଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା । କେଦାରପଲ୍ଲୀ ବସ୍ତିର ସହଦେବ ଏକ ନାଲି ରଙ୍ଗର ଜୁପିଟର ସ୍କୁଟି ଯୋଗେ ଭିଏସ୍‌ଏସ୍ ନଗରରୁ ରସୁଲଗଡ଼ ପଟକୁ ଆସୁଥିଲେ । ଏହି ସମୟରେ କିଛି ଯୁବକ ଦୁଇଟି ବାଇକ୍‌ରେ ତାଙ୍କୁ ପିଛା କରିଥିଲେ । ପିଛା କରି ଜାତୀୟ



ରାଜପଥର ବାଣୀବିହାର ଓଭରବ୍ରିଜ ଉପରେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା । ଏହି ହତ୍ୟାକାଣ୍ଡ ଘଟାଇବା ପରେ ଦୁର୍ବୃତ୍ତମାନେ ବାଇକ୍ ଯୋଗେ ଘଟଣା ସ୍ଥଳରୁ ଫେରାର ହୋଇଥିଲେ । ହତ୍ୟା ଘଟଣାର ତଦନ୍ତ ପାଇଁ ପୋଲିସ ୩ ଟି ଟିମ୍ ଗଠନ କରିଥିଲା। ଏହି ଘଟଣାରେ ମୋଟ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଅଭିଯୁକ୍ତ ଲିପିକା ନାୟକ ବ୍ରାଉନସୁଗାର ମାମଲାରେ ପୂର୍ବରୁ ଜେଲ ଯାଇଥିଲା। ୫ ତାରିଖରେ ଜେଲରୁ ଲିପିକା ଫେରିଥିଲା। ଜେଲରେ ଫେରିବା ପରେ ଯୋଜନାବଦ୍ଧ ଭାବେ ସହଦେବଙ୍କୁ ହତ୍ୟା କରିଥିଲେ। କମିସନରେଟ ପୋଲିସ ସହିତ ସ୍ପେଶାଲ ସ୍କ୍ୱାର୍ଡ ଅଭିଯୁକ୍ତ ରବି ନାୟକ, ଲକ୍ଷ୍ମୀଧର ନାୟକ ଓ ଲିପିକା ନାୟକଙ୍କୁ ନେଇ ସିନ୍ ରିକ୍ରିଏସନ କରିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ପୁର୍ବ ଯୋଜନା ମୁତାବକ ଧଉଳୀ ଥାନା ଅନ୍ତର୍ଗତ ଦୟାନଦୀ କୂଳ ନଦୀ ପଠାରେ ଏକାଠି ହୋଇଥିଲେ । ସେଠାରେ ସେମାନେ ହତ୍ୟାକାଣ୍ଡରେ ବ୍ୟବହାର କରିଥିବା ମାସଂକଟା ଦୁଇଟି ଚାପଡ ଓ ଅନ୍ୟାନ୍ୟ ସାମଗ୍ରୀ ସେହି ଜରି ବ୍ୟାଗରେ ପୁରାଇ ଦୟାନଦୀକୁ ଫୋପାଡି ଦେଇଥିଲେ । ସିନ୍ ରିକ୍ରିଏସନ ସମୟରେ ଏହି ସବୁ ଏଭିଡେନ୍ସକୁ ଜବତ କରିଥିଲା ତଦନ୍ତକାରୀ ଦଳ ।

## ପିକ୍‌ଅପ୍ ଧକ୍କାରେ ୨ ବାଇକ ଚାଳକଙ୍କ ମୃତ୍ୟୁ

**କଳାହାଣ୍ଡି ୧୬।୧ ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଶ୍ରୀରାମପଡ଼ା ନିକଟରେ ଏକ ବାଇକ୍‌କୁ ପିକଅପ୍ ଭ୍ୟାନ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ବାଇକ୍‌ରେ ଥିବା ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡିଛି । ମୃତକ ହେଲେ ସ୍ଥାନୀୟ ଗଣ୍ଡାମେର ଗ୍ରାମର ଗୋପାଳ ନାଏକ ଓ ନୂଆପଡ଼ା ଜିଲ୍ଲା ଅନକାପୁର ଗ୍ରାମର କିଶୋର ନାଏକ । ଗୁରୁତର ଥିବା ସୁନୁନିକୁଣ୍ଡା ଗ୍ରାମର ପ୍ରତ୍ୟୁଶ ଟୋଲଟିଆଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି ।

# ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ / ପରିବହନ କରି ପୂର୍ବତଟ ରେଳପଥ ସୃଷ୍ଟି କଲା ରେକର୍ଡ

**ଭୁବନେଶ୍ୱର, ୧୬/୧**
**ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷର ୨୯୦ ଦିନ ମଧ୍ୟରେ ଉଲ୍ଲେଖନୀୟ ଦ୍ରୁତ ଅଗ୍ରଗତିରେ ୨୦୦.୧୩ ନିୟୁତ ଟନ୍ ପଣ୍ୟ ପରିବହନ ବା ବୋଝେଇ କରି ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି ଯାହାକି ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିନେଇଛି । ଏହି ସଫଳତା ଭାରତୀୟ ରେଳ ଇତିହାସରେ ସର୍ବାଧିକ ପଣ୍ୟ ପରିବହନକୁ ସୂଚିତ କରିଥାଏ ଯାହାକି ପଣ୍ୟ ବୋଝେଇ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷରେ ରେଳପଥର ନେତୃତ୍ୱକୁ ଦୃଷ୍ଟାନ୍ତମୂଳକ କରିଥାଏ । ପୂର୍ବ ଆର୍ଥିକ ବର୍ଷ (୨୦୨୩-୨୪)ରେ ପଣ୍ୟ ବୋଝେଇ କ୍ଷେତ୍ରରେ ନିଜସ୍ୱ



ରେକର୍ଡ ୨୯୫ ଦିନକୁ ଅତିକ୍ରମ କରି ପୂର୍ବତଟ ରେଳପଥ ଚଳିତ ଜାନୁଆରୀ ୧୫ ତାରିଖରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ କରି ନୂତନ ରେକର୍ଡ ସୃଷ୍ଟି କରିଛି । ଏହି ବର୍ଷର ସଫଳତା ଗତ ଆର୍ଥିକ ବର୍ଷର ୧୫ ଦିନ ପୂର୍ବରୁ ସମ୍ପନ୍ନ ହୋଇଥିଲା ଏବଂ ପୂର୍ବ ବର୍ଷ ଗୁଡିକରେ ଏକ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ସୃଷ୍ଟି କରିଥିଲା ଯେଉଁଠାରେ ଏହା ୨୦୧୯-୨୦ ମସିହାରେ ଏହି ସଫଳତା ହାସଲ କରିବା ପାଇଁ ୩୬୬ ଦିନ ସମୟ ନେଇଥିଲାବେଳେ ୨୦୨୦-୨୧ ରେ ୩୬୦ ଦିନ, ୨୦୨୧-୨୨ ରେ ୩୨୦ ଦିନ ଏବଂ ୨୦୨୨-୨୩ ମସିହାରେ ୩୧୦ ଦିନ ସମୟ ନେଇ ପ୍ରତିବର୍ଷ ରେକର୍ଡ କରିଆସୁଅଛି । ଏହି ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ୧୮୩.୫ ନିୟୁତ ଟନ୍ ପଣ୍ୟ ବୋଝେଇର ଅପସାରଣ କରି ଆଉ ଏକ ନୂତନ ରେକର୍ଡ ସୃଷ୍ଟିକରିପାରିଛି ଯାହା ମାଲ୍ ପରିବହନରେ ଏହାର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ଅଧିକ ଦର୍ଶାଉଛି । ଏହି ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ସମୁଦାୟ ୨୦୦.୧୩ ନିୟୁତ ଟନ୍ ପଣ୍ୟ ବୋଝେଇ କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ପଣ୍ୟ ବୋଝେଇ ୧୯୬.୭୭୯ ନିୟୁତ ଟନ୍ ତୁଳନାରେ ୧.୬% ବୃଦ୍ଧି ପାଇଛି । ପଣ୍ୟ ପରିବହନରେ ଏହି ଜୋନର କାର୍ଯ୍ୟଦକ୍ଷତାର ଦୃଷ୍ଟାନ୍ତ ରଖି ଆସିଛି ଏବଂ ଏହା ଅର୍ଥନୈତିକ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ସକ୍ଷମକାରୀ ରେଳ ଭାବରେ ନିଜର ପରିଚୟ ସୃଷ୍ଟିକରିଆସୁଅଛି । ପୂର୍ବତଟ ରେଳପଥ ଦ୍ୱାରା ପଣ୍ୟ ବୋଝେଇ କରାଯାଇଥିବା ପ୍ରମୁଖ ଦ୍ରବ୍ୟ ଗୁଡିକ ହେଲା ୧୧୯.୬୩୭ ନିୟୁତ ଟନ୍ କୋଇଲା, ୭.୬୭ ନିୟୁତ ଟନ୍ ଇସ୍ପାତ କାରଖାନାକୁ କଞ୍ଚାମାଲ, ୧୫.୯୯୧ ନିୟୁତ ଟନ ପିଗ ଆଇରନ୍ ଏବଂ ଉତ୍ପାଦ ଇସ୍ପାତ, ୨୪.୪୨୬ ନିୟୁତ ଟନ୍ ଲୁହାପଥର, ୦.୮୮ ନିୟୁତ ଟନ୍ ସିମେଣ୍ଟ, ୨.୨୨୬ ନିୟୁତ ଟନ୍ ଖାଦ୍ୟ ଶସ୍ୟ, ୫.୪୭୭ ନିୟୁତ ଟନ୍ ଫର୍ଟିଲାଇଜର, ୨.୩୧୭ ନିୟୁତ ଟନ୍ ଖଣିଜ ତେଲ, କଣ୍ଟେନେରରେ ୪.୩୭୨ ନିୟୁତ ଟନ୍ ପଣ୍ୟ ପରିବହନ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ୧୭.୧୫୯ ନିୟୁତ ଟନ୍ ଅଟେ । ଏହି ଉଲ୍ଲେଖନୀୟ କାର୍ଯ୍ୟ ସହିତ, ପୂର୍ବତଟ ରେଳପଥରେ ମଧ୍ୟ ରାଜସ୍ୱ ଉତ୍ପାଦନରେ ବୃଦ୍ଧି ଘଟି ୨୦,୨୮୮.୦୪୧ କୋଟି ଟଙ୍କା ଆୟ ହୋଇଛି। ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧.୨୮% ଅଭିବୃଦ୍ଧିର ପ୍ରତିନିଧିତ୍ୱ କରୁଛି । ୨୯୦ ଦିନ ମଧ୍ୟରେ ୨୦୦ ନିୟୁତ ଟନ୍ ପଣ୍ୟ ବୋଝେଇ ହାସଲ କରିବା ହେଉଛି ପୂର୍ବତଟ ରେଳପଥର ଯତ୍ନଶୀଳ ଯୋଜନା, ଶିଳ୍ପ ଏବଂ ସରକାରୀ ସଂସ୍ଥା ସହିତ ଉତ୍କୃଷ୍ଟ ସମନ୍ୱୟ ଏବଂ ଏହାର ଶ୍ରମଶକ୍ତିର ନିରନ୍ତର ପ୍ରୟାସର ପ୍ରତ୍ୟକ୍ଷ ଫଳାଫଳ ।